# ସମ୍ବାଦ ପରିକ୍ରମା

## ଭୁବନେଶ୍ୱରରେ ଶ୍ରୀଜଗନ୍ନାଥଙ୍କ ହୁଣ୍ଡି ସ୍ଥାପିତ, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼କୁ ନେଇ ନୂତନ ରାଜସ୍ୱ ଡିଭିଜନ ଗଠନର ପ୍ରସ୍ତାବ ରହିଛି

ଭୁବନେଶ୍ୱରସ୍ଥ ଜୟଦେବ ଭବନ ସମ୍ମୁଖରେ ଥିବା ଶ୍ରୀମନ୍ଦିର ସୂଚନା କେନ୍ଦ୍ରଠାରେ ଗତ ଡିସେମ୍ବର ୧୭ ତାରିଖ ପୂର୍ବାହ୍ନରେ ଆଇନ୍ ମନ୍ତ୍ରୀ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନଙ୍କଦ୍ୱାରା ଶ୍ରୀଜଗନ୍ନାଥଙ୍କ ସୁଦୃଶ୍ୟ ଦାନବାକ୍ସ (ହୁଣ୍ଡି) ସଂସ୍ଥାପିତ ହୋଇଛି । ଶ୍ରୀମନ୍ଦିରର ନୂତନ ଡାଇନାମିକ୍ ୱେବ୍‌ସାଇଟ୍ 'www.jagannath.nic.in' ମଧ୍ୟ ଏହି ଅବସରରେ ତାଙ୍କଦ୍ୱାରା ଲୋକାର୍ପିତ ହୋଇଛି ।

ଶ୍ରୀଜଗନ୍ନାଥଙ୍କ ହୁଣ୍ଡିର ଶୁଭ ଉଦ୍‌ଘାଟନ ଉତ୍ସବରେ ଉଦ୍‌ଘାଟକ ତଥା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆଇନ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଲେ ଯେ ଜଗନ୍ନାଥ ମନ୍ଦିର ପ୍ରଶାସନ କ୍ଷେତ୍ରରେ ବ୍ୟାପକ ସଂସ୍କାର ଅଣାଯାଇଛି । ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ ନିଯୁକ୍ତ ହୋଇଛନ୍ତି । ସଂସ୍କାର ପ୍ରକ୍ରିୟା ଅବ୍ୟାହତ ରହିଛି । ପୁରୀ, ଖୋର୍ଦ୍ଧା, ନୟାଗଡ଼କୁ ନେଇ ଏକ ନୂତନ ରାଜସ୍ୱ ଡିଭିଜନ ପ୍ରତିଷ୍ଠା ହେବା ବିଚାରାଧୀନ ରହିଛି । ଏହାର ମୁଖ୍ୟ କାର୍ଯ୍ୟାଳୟ ପୁରୀଠାରେ ରହିବ । ଶ୍ରୀମନ୍ଦିର ପାଇଁ ସ୍ୱତନ୍ତ୍ର ଭାବେ ଜଣେ ପୋଲିସ୍ ସୁପରିନ୍‌ଟେଣ୍ଡେଣ୍ଟ ନିଯୁକ୍ତି ପ୍ରସ୍ତାବ ମଧ୍ୟ ବିଚାରାଧୀନ । ଶ୍ରୀମନ୍ଦିର ସମ୍ମୁଖସ୍ଥ ଫାଣ୍ଡିକୁ ଥାନାର ମାନ୍ୟତା ଦିଆଯାଇ ସେଠାରେ ମଧ୍ୟ ପୋଲିସ୍ ଇନ୍‌ସପେକ୍ଟର ନିଯୁକ୍ତ ହେବେ । ଆଜିର ହୁଣ୍ଡି ସଂସ୍ଥାପନ ହେବା ଫଳରେ ରାଜଧାନୀ ଓ ବିଦେଶାଗତ ଭକ୍ତମାନେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ସୁବିଧାରେ ଦାନ କରିପାରିବେ । ଏହି ସୂଚନା କେନ୍ଦ୍ର ମାଧ୍ୟମରେ ଭକ୍ତମାନେ ଫୁଲ ଓ ତୁଳସୀ ଶ୍ରୀମନ୍ଦିରକୁ ପ୍ରେରଣ କରିପାରିବେ । ବରାଦ ମୁତାବକ ଶୁଖିଲା ମହାପ୍ରସାଦ ଭକ୍ତମାନେ ଏହି ସୂଚନା କେନ୍ଦ୍ରରୁ ପରଦିନ ପାଇପାରିବେ । ମହାପ୍ରଭୁଙ୍କର ପବିତ୍ର ରଥକାଠ, ରଥକନା, ରଥଦଉଡ଼ି, ନିର୍ମାଲ୍ୟ ଓ ଫଟୋ ଥିବା ପ୍ରସାଦ ପ୍ୟାକେଟ ଏହି କେନ୍ଦ୍ରରେ ଉପଲବ୍ଧ ହେବ । ନିଜ ଘରେ ଶ୍ରୀଜଗନ୍ନାଥଙ୍କୁ ଦାନ ଉଦ୍ଦେଶ୍ୟରେ ଏକ ଛୋଟ ହୁଣ୍ଡି ମଧ୍ୟ ଏଠାରେ ମିଳିବ । ଶ୍ରୀଜଗନ୍ନାଥ ଚେତନା ଓ ସଂସ୍କୃତି ସମ୍ବଳିତ ବିଭିନ୍ନ ପୁସ୍ତକ, ପତ୍ରପତ୍ରିକା ବେଶର ଫଟୋ, ଦୃଶ୍ୟ, ଶ୍ରାବ୍ୟ ସି.ଡି. ଏଠାରେ ଭକ୍ତମାନଙ୍କ ପାଇଁ ଉପଲବ୍ଧ ହେବ ବୋଲି ଆଇନ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ପ୍ରକାଶ କରିଥିଲେ ।

> ପୁରୀ, ଖୋର୍ଦ୍ଧା, ନୟାଗଡ଼କୁ ନେଇ ଏକ ନୂତନ ରାଜସ୍ୱ ଡିଭିଜନ ପ୍ରତିଷ୍ଠା ହେବା ବିଚାରାଧୀନ ରହିଛି । ଏହାର ମୁଖ୍ୟ କାର୍ଯ୍ୟାଳୟ ପୁରୀଠାରେ ରହିବ । ଶ୍ରୀମନ୍ଦିର ପାଇଁ ସ୍ୱତନ୍ତ୍ର ଭାବେ ଜଣେ ପୋଲିସ୍ ସୁପରିନ୍‌ଟେଣ୍ଡେଣ୍ଟ ନିଯୁକ୍ତି ପ୍ରସ୍ତାବ ମଧ୍ୟ ବିଚାରାଧୀନ । ଶ୍ରୀମନ୍ଦିର ସମ୍ମୁଖସ୍ଥ ଫାଣ୍ଡିକୁ ଥାନାର ମାନ୍ୟତା ଦିଆଯାଇ ସେଠାରେ ମଧ୍ୟ ପୋଲିସ୍ ଇନ୍‌ସପେକ୍ଟର ନିଯୁକ୍ତ ହେବେ । ଆଜିର ହୁଣ୍ଡି ସଂସ୍ଥାପନ ହେବା ଫଳରେ ରାଜଧାନୀ ଓ ବିଦେଶାଗତ ଭକ୍ତମାନେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ସୁବିଧାରେ ଦାନ କରିପାରିବେ । ଏହି ସୂଚନା କେନ୍ଦ୍ର ମାଧ୍ୟମରେ ଭକ୍ତମାନେ ଫୁଲ ଓ ତୁଳସୀ ଶ୍ରୀମନ୍ଦିରକୁ ପ୍ରେରଣ କରିପାରିବେ । ବରାଦ ମୁତାବକ ଶୁଖିଲା ମହାପ୍ରସାଦ ଭକ୍ତମାନେ ଏହି ସୂଚନା କେନ୍ଦ୍ରରୁ ପରଦିନ ପାଇପାରିବେ । ମହାପ୍ରଭୁଙ୍କର ପବିତ୍ର ରଥକାଠ, ରଥକନା, ରଥଦଉଡ଼ି, ନିର୍ମାଲ୍ୟ ଓ ଫଟୋ ଥିବା ପ୍ରସାଦ ପ୍ୟାକେଟ ଏହି କେନ୍ଦ୍ରରେ ଉପଲବ୍ଧ ହେବ । ନିଜ ଘରେ ଶ୍ରୀଜଗନ୍ନାଥଙ୍କୁ ଦାନ ଉଦ୍ଦେଶ୍ୟରେ ଏକ ଛୋଟ ହୁଣ୍ଡି ମଧ୍ୟ ଏଠାରେ ମିଳିବ । ଶ୍ରୀଜଗନ୍ନାଥ ଚେତନା ଓ ସଂସ୍କୃତି ସମ୍ବଳିତ ବିଭିନ୍ନ ପୁସ୍ତକ, ପତ୍ରପତ୍ରିକା ବେଶର ଫଟୋ, ଦୃଶ୍ୟ, ଶ୍ରାବ୍ୟ ସି.ଡି. ଏଠାରେ ଭକ୍ତମାନଙ୍କ ପାଇଁ ଉପଲବ୍ଧ ହେବ ବୋଲି ଆଇନ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ପ୍ରକାଶ କରିଥିଲେ ।

ସୂଚନା ଓ ଲୋକ ସଂପର୍କ, କ୍ରୀଡ଼ା ଓ ଯୁବସେବା ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଦେବାଶିଷ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କହିଲେ ଯେ ଶ୍ରୀଜଗନ୍ନାଥଙ୍କ ମହିମା ସାରା ବିଶ୍ୱରେ ବ୍ୟାପ୍ତ । ତେବେ ଶ୍ରୀମନ୍ଦିର ଯାଇ ଶ୍ରୀଜୀଉମାନଙ୍କୁ ଦର୍ଶନ କରି ହୁଣ୍ଡିରେ ଦାନ କରିବା ସମସ୍ତଙ୍କ ପକ୍ଷରେ ସମ୍ଭବ ହେଉନାହିଁ । ରାଜଧାନୀର କେନ୍ଦ୍ରସ୍ଥଳରେ ସୁଦୃଶ୍ୟ ହୁଣ୍ଡି ପ୍ରତିଷ୍ଠା ଯୋଗୁଁ ରାଜଧାନୀ ଓ ବାହାରର ଭକ୍ତମାନେ ପ୍ରଭୁଙ୍କ ଉଦ୍ଦେଶ୍ୟରେ ଭକ୍ତିଅର୍ଘ୍ୟ ଦେଇପାରିବେ । ଫୁଲ, ତୁଳସୀ ଶ୍ରୀଅଙ୍ଗରେ ଲାଗି ହେବା ପାଇଁ ପଠାଇପାରିବେ । ପୁରୀ ଯାଇ ରଥଯାତ୍ରା ଦେଖିବା ସମ୍ଭବ ନହେଲେ କମ୍ପ୍ୟୁଟରରେ ଶ୍ରୀମନ୍ଦିରର ୱେବ୍‌ସାଇଟ୍‌ରେ ଏହା ଦେଖି ନିଜକୁ ଧନ୍ୟ ମଣି ପାରିବେ । ଆଜିର ଏହି ପଦକ୍ଷେପ ପ୍ରଶଂସନୀୟ ଓ ଏଥିପାଇଁ ଆଇନ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଓ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଶ୍ରୀ ସୁରେଶ ମହାପାତ୍ର ଧନ୍ୟବାଦାର୍ହ ବୋଲି ସେ ମତବ୍ୟକ୍ତ କରିଥିଲେ ।

ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ ଶ୍ରୀ ସୁରେଶ ମହାପାତ୍ର ଶ୍ରୀମନ୍ଦିରର ଉନ୍ନତିକଳ୍ପେ ନିଆଯାଇଥିବା ପଦକ୍ଷେପ ସମ୍ବନ୍ଧରେ ସୂଚନା ଦେଇଥିଲେ । ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶକ ଡାଃ ଏସ୍.କେ. ପଣ୍ଡା ଏହି ୱେବ୍‌ସାଇଟ୍ ଜଗନ୍ନାଥପ୍ରେମୀ ଓ ଭକ୍ତଙ୍କ ଦ୍ୱାରା ବିଶେଷ ଆଦୃତ ହେବ ବୋଲି ମତବ୍ୟକ୍ତ କରିଥିଲେ ।

ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟ ଶ୍ରୀ ରବୀନ୍ଦ୍ରନାଥ ପ୍ରତିହାରୀ ସ୍ୱାଗତ ଭାଷଣ ଦେଇଥିଲେ । ଶ୍ରୀମନ୍ଦିରର ପ୍ରଶାସନିକ ଅଧିକାରୀ ଶ୍ରୀ ଭାସ୍କର ମିଶ୍ର ସଭାକାର୍ଯ୍ୟ ପରିଚାଳନା କରିଥିଲେ ଓ ପ୍ରଶାସକ ବୀରକିଶୋର ପଣ୍ଡା ଧନ୍ୟବାଦ ଦେଇଥିଲେ ।

ରାଜଧାନୀର ବହୁ ଗଣ୍ୟମାନ୍ୟ ବ୍ୟକ୍ତି, ସମସ୍ତ କର୍ପୋରେଟର, ସମସ୍ତ ଜଗନ୍ନାଥପ୍ରେମୀ ଭକ୍ତ, ସେବାୟତ ନିଯୋଗର ସଦସ୍ୟ ଏହି ବର୍ଣ୍ଣାଢ଼୍ୟ ଉତ୍ସବରେ ଯୋଗ ଦେଇଥିଲେ । ଜଗନ୍ନାଥଙ୍କ ଭକ୍ତ ଶ୍ରୀ ଜନକର ସାହୁ ସୂଚନା କେନ୍ଦ୍ରରୁ ପ୍ରତ୍ୟହ ଗୋଟାଏ ବେଳେ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଫୁଲ, ତୁଳସୀ, ପୁରୀ ନେବା ପାଇଁ ଏକ ମାରୁତି ଭ୍ୟାନ୍ ଦାନ କରି ଥିବାରୁ ଆଇନ ମନ୍ତ୍ରୀ ତାଙ୍କୁ ଭୂୟସୀ ପ୍ରଶଂସା କରିଥିଲେ ଓ ଏହି ଗାଡ଼ିର ପ୍ରଥମ ଯାତ୍ରାକୁ ଶୁଭ ଉଦ୍‌ଘାଟନ କରିଥିଲେ । କଣ୍ଠଶିଳ୍ପୀ ନିତାଇ ପାଲିତଙ୍କ ନିର୍ଦ୍ଦେଶନାରେ ଜଗନ୍ନାଥ ଭଜନ ପରିବେଷିତ ହୋଇଥିଲା ।

(ସୂଚନା ଓ ଲୋକ ସଂପର୍କ ବିଭାଗ)

## ଦେଶକୁ ସଂପୂର୍ଣ୍ଣ ପୋଲିଓମୁକ୍ତ କରିବା ପାଇଁ ରୋଟାରୀଆନ୍‌ମାନେ ଉଦ୍ୟମ କରନ୍ତୁ

ଦେଶକୁ ସଂପୂର୍ଣ୍ଣ ପୋଲିଓମୁକ୍ତ କରିବା ପାଇଁ ରୋଟାରୀଆନ୍‌ମାନେ ନିଷ୍ଠାପର ପ୍ରୟାସ ଜାରି ରଖିବାକୁ ଆଇନ ମନ୍ତ୍ରୀ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ଆହ୍ୱାନ ଦେଇଛନ୍ତି ।

ଗତ ଡିସେମ୍ବର ମାସ ୧୭ ତାରିଖରେ ରୋଟାରୀ କ୍ଲବ୍ ଅଫ୍ ଭୁବନେଶ୍ୱର ଉଦ୍ୟମରେ 'ପଲ୍‌ସ ପୋଲିଓ ଯୋଜନା' ସଂପର୍କିତ ଏକ ଆଲୋଚନାଚକ୍ରକୁ ଉଦ୍‌ଘାଟନ କରି ଆଇନ, ଶିକ୍ଷା ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ କହିଲେ ଯେ ପୋଲିଓ ଆକ୍ରାନ୍ତ ଦେଶମାନଙ୍କ ମଧ୍ୟରେ ଭାରତ ଅନ୍ୟତମ । ବିଶ୍ୱର ବହୁ ରାଷ୍ଟ୍ରରେ ପୋଲିଓ ସଂପୂର୍ଣ୍ଣ ନିର୍ମୂଳ ହୋଇଯାଇଥିବା ବେଳେ ଭାରତରେ ଏହା ସାମାନ୍ୟ ରୂପେ ପରିଲକ୍ଷିତ ହେଉଛି । ୧୯୯୪ରେ ୪୭୯୧ଟି ପୋଲିଓ ରୋଗୀ ଚିହ୍ନଟ ହୋଇଥିବାବେଳେ ୧୯୯୭ରେ ୨୪୮୯, ୨୦୦୨ରେ ୧୬୦୦, ୨୦୦୩ରେ ୨୨୫, ୨୦୦୪ରେ ୧୩୫ଟି ପୋଲିଓ ରୋଗୀ ଚିହ୍ନଟ ହୋଇଥିବା ବେଶ୍ ଆନନ୍ଦର ବିଷୟ । ପଲ୍‌ସ ପୋଲିଓ ଅଭିଯାନ ଯୋଗୁଁ ଏହା ସମ୍ଭବ ହୋଇ ପାରିଛି ଓ ରୋଟାରୀ କ୍ଲବ୍‌ଗୁଡ଼ିକର ଏଥିପାଇଁ ଅବଦାନ ଅନେକ । ଦେଶର ପ୍ରତ୍ୟେକ ଶିଶୁ ଯାହାଙ୍କ ବୟସ ୫ ବର୍ଷ ବା ତା'ଠାରୁ କମ୍, ଏହି ପୋଲିଓ ବୁନ୍ଦା ନିଶ୍ଚିତ ରୂପେ ଖାଇବା ଜରୁରୀ, କାରଣ ପୋଲିଓ ଭଳି ଅଭିଶାପକୁ ଏହି ବୁନ୍ଦା ଖାଇବା ଦ୍ୱାରା ହିଁ ନିଶ୍ଚିତ ରୂପେ ନିର୍ମୂଳ କରାଯାଇପାରେ । ରୋଟାରୀଆନ୍‌ମାନେ ବ୍ୟାପକ ଜନସଚେତନତାର ପ୍ରସାର ଦ୍ୱାରା ପ୍ରତି ଗାଁ, ପଡ଼ାର ପ୍ରତ୍ୟେକ ଶିଶୁଙ୍କୁ ପୋଲିଓ ନିରାକଣର ଏହି ଦୁଇବୁନ୍ଦା ଖୁଆଇ ସାରା ଭାରତବର୍ଷକୁ ସବୁଦିନ ପାଇଁ ସଂପୂର୍ଣ୍ଣ ପୋଲିଓମୁକ୍ତ କରିବାକୁ ଆଇନ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଆହ୍ୱାନ ଦେଇଥିଲେ ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପ୍ରମୁଖ ସଚିବ ଶ୍ରୀ ଚିନ୍ମୟ ବସୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପୋଲିଓର ସଂପୂର୍ଣ୍ଣ ନିରାକରଣ ପାଇଁ ରାଜ୍ୟ ସରକାର ସଂକଳ୍ପବଦ୍ଧ ଓ ଏଥିନିମିତ୍ତ ଆବଶ୍ୟକ ସମସ୍ତ ସହାୟତା ରୋଟାରୀ କ୍ଲବ୍‌ଗୁଡ଼ିକୁ ଯୋଗାଇ ଦିଆଯାଉଛି ବୋଲି ପ୍ରକାଶ କରିଥିଲେ ।

ରୋଟାରୀଆନ୍ ଆର୍.ଏ. ଶର୍ମା ଓ ଭି. ଭରଦ୍ୱାଜ ଦେଶରେ ପୋଲିଓ ରୋଗର ସାଂପ୍ରତିକ ସ୍ଥିତି ଓ ଏହାର ନିରାକରଣ ଦିଗରେ ରୋଟାରୀ କ୍ଲବ୍‌ର ନିରବଚ୍ଛିନ୍ନ ପ୍ରଚେଷ୍ଟା ଉପରେ ଆଲୋକପାତ କରିଥିଲେ ।

ଭୁବନେଶ୍ୱର ରୋଟାରୀ କ୍ଲବ୍‌ର ସଭାପତି ରୋଟାରୀଆନ୍ ଅଶୋକ କୁମାର ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ ଓ ରୋଟାରୀଆନ୍ ଡି. ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ ।

(ସୂଚନା ଓ ଲୋକ ସଂପର୍କ ବିଭାଗ)

ମୁଖ୍ୟ ଅତିଥି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଏହି ଅବସରରେ 'ଗୁଡ୍ ବାଏ ପୋଲିଓ : ଥ୍ୟାଙ୍କସ୍ ରୋଟାରୀ' ଲେଖା ଯାଇଥିବା ଏକ ସୁଦୃଶ୍ୟ ଷ୍ଟିକର ଉନ୍ମୋଚନ କରିଥିଲେ ।

## ମାର୍ଚ୍ଚ ସୁଦ୍ଧା ନୟାଗଡ଼ ଜିଲ୍ଲାରେ ୫୦୦ଟି ଗ୍ରାମର ବିଦ୍ୟୁତ୍‌କରଣ କାର୍ଯ୍ୟ ଶେଷ ପାଇଁ ମନ୍ତ୍ରୀଙ୍କ ପରାମର୍ଶ

ନୟାଗଡ଼ ଜିଲ୍ଲାରେ ରାଜୀବ ଗାନ୍ଧୀ ଗ୍ରାମ୍ୟ ବିଦ୍ୟୁତ୍‌କରଣ କାର୍ଯ୍ୟକ୍ରମ, ବିଜୁ ଗ୍ରାମ ଜ୍ୟୋତି କାର୍ଯ୍ୟକ୍ରମ, ସାଂସଦ ଓ ବିଧାୟକଙ୍କ ବିଦ୍ୟୁତ୍‌କରଣ ବାବଦରେ ଦେଇଥିବା ଅର୍ଥର ଖର୍ଚ୍ଚ, ସ୍ୱଜଳ ଧାରା ଓ ଅଚଳ ଉଠାଜଳସେଚନ ପଏଣ୍ଟକୁ କାର୍ଯ୍ୟକ୍ଷମ କରିବା ଉପରେ ଏକ ସମୀକ୍ଷା ବୈଠକ ସଚିବାଳୟଠାରେ ଶକ୍ତି ମନ୍ତ୍ରୀ ଶ୍ରୀ ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଗତ ଡିସେମ୍ବର ୫ ତାରିଖରେ ଅନୁଷ୍ଠିତ ହୋଇଥିଲା । ସମବାୟ ରାଷ୍ଟ୍ରମନ୍ତ୍ରୀ ଶ୍ରୀମତୀ ସୁରମା ପାଢ଼ୀ ଉକ୍ତ ବୈଠକରେ ଉପସ୍ଥିତ ଥିଲେ ।

ସମୀକ୍ଷାରୁ ଜଣାପଡ଼ିଥିଲା ଯେ ନୟାଗଡ଼ ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ଗ୍ରାମ୍ୟ ବିଦ୍ୟୁତ୍‌କରଣ ପାଇଁ ୧୫୩୧ ଗୋଟି ଗ୍ରାମର ସର୍ଭେ କାର୍ଯ୍ୟ ସରିଛି । ଉପରୋକ୍ତ ସର୍ଭେ ଗ୍ରାମ ମଧ୍ୟରୁ ୫୫ ଗୋଟି ଦୁର୍ଗମ ଗ୍ରାମକୁ ଅଣ-ପାରମ୍ପରିକ ଉପାୟରେ ବିଦ୍ୟୁତ୍‌ଶକ୍ତି ଯୋଗାଇବା ପାଇଁ ଓରେଡ଼ାକୁ ପ୍ରସ୍ତାବ ଦିଆଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ବାକି ୧୪୭୬ଟି ଗ୍ରାମ ମଧ୍ୟରୁ ୧୦୨ଟି ଗ୍ରାମରେ ବିଦ୍ୟୁତ୍‌କରଣ କାର୍ଯ୍ୟ ଆରମ୍ଭ କରାଯାଇଛି । ସେଥିମଧ୍ୟରୁ ଓଡ଼ଗାଁରେ ୨୫ଟି ଗ୍ରାମ, ରଣପୁରରେ ୬ଟି, ନୟାଗଡ଼ ବ୍ଲକ୍‌ରେ ୫ଟି ଗ୍ରାମ, ଖଣ୍ଡପଡ଼ା ବ୍ଲକ୍‌ରେ ୫୬ଟି ଗ୍ରାମ ଅନ୍ତର୍ଭୁକ୍ତ । ରାଜୀବ ଗାନ୍ଧୀ ବିଦ୍ୟୁତ୍‌କରଣ କାର୍ଯ୍ୟ କରୁଥିବା ଏନ୍.ଟି.ପି.ସି.ର ଅଧିକାରୀମାନେ ୨୦୦୮ ମାର୍ଚ୍ଚ ସୁଦ୍ଧା ୨୫୦ଟି ଗ୍ରାମର ବିଦ୍ୟୁତ୍‌କରଣ କାର୍ଯ୍ୟ ସମାପ୍ତ କରିପାରିବେ ବୋଲି ପ୍ରକାଶ କରିଥିଲେ । ମନ୍ତ୍ରୀ ଶ୍ରୀ ପାତ୍ର ଉପରୋକ୍ତ ସମୟ ସୀମା ମଧ୍ୟରେ ଅନ୍ତତଃ ପକ୍ଷେ ୫୦୦ଟି ଗ୍ରାମର ବିଦ୍ୟୁତ୍‌କରଣ କାର୍ଯ୍ୟ ସମାପ୍ତ କରିବାକୁ ଏନ୍.ଟି.ପି.ସି.କୁ ପରାମର୍ଶ ଦେଇଥିଲେ । ସେହିପରି ଅବଶିଷ୍ଟ ଗ୍ରାମଗୁଡ଼ିକୁ ୨୦୦୮ ଡିସେମ୍ବର ସୁଦ୍ଧା ସମାପ୍ତ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ସେହି ସମୟସୀମା ମଧ୍ୟରେ ୬୯,୭୭୫ଟି ବି.ପି.ଏଲ୍. ପରିବାରଙ୍କୁ ମଧ୍ୟ ବିଦ୍ୟୁତ୍ ଯୋଗାଇ ଦେବାକୁ ଏନ୍.ଟି.ପି.ସି.କୁ କୁହାଯାଇଥିଲା ।

ସେହିପରି ନୟାଗଡ଼ ଜିଲ୍ଲାରେ ବିଜୁ ଗ୍ରାମ ଜ୍ୟୋତି ଯୋଜନାରେ ବର୍ତ୍ତମାନ ସୁଦ୍ଧା ୮ଟି ବ୍ଲକ୍‌ର ୨୪୦ଟି ଗ୍ରାମକୁ ବିଦ୍ୟୁତ୍‌କରଣ କରିବା ପାଇଁ ଟେଣ୍ଡର କାମ ସରିଛି ବୋଲି ସମୀକ୍ଷାରୁ ଜଣାପଡ଼ିଥିଲା । ଆଗାମୀ ସପ୍ତାହକ ମଧ୍ୟରେ ଜିଲ୍ଲାପାଳ ଟେଣ୍ଡର ବାବଦରେ ଚୂଡ଼ାନ୍ତ ନିଷ୍ପତ୍ତି ନେଇ କାର୍ଯ୍ୟ ଆରମ୍ଭ ପାଇଁ ନିର୍ଦ୍ଦେଶ ଦେବେ । ନୟାଗଡ଼ ଜିଲ୍ଲାରେ ଏହି ବିଦ୍ୟୁତ୍‌କରଣ କାର୍ଯ୍ୟ କରିବା ପାଇଁ ଯଦି ଉପଯୁକ୍ତ ଠିକାଦାର ନ ମିଳନ୍ତି, ତେବେ ଏହା ସେସୁ କରିବା ପାଇଁ ନିଷ୍ପତ୍ତି ନିଆଯିବ ବୋଲି ବୈଠକରେ ସ୍ଥିର ହୋଇଥିଲା । ଜିଲ୍ଲାରେ ତାରଚୋରି ଯୋଗୁଁ ଅଚଳ ହୋଇପଡ଼ିଥିବା ୨୯ଟି ଉଠାଜଳସେଚନ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରାଇବା ପାଇଁ ଜିଲ୍ଲାପାଳଙ୍କୁ କୁହାଯାଇଥିଲା । ଜିଲ୍ଲାରେ ଆର୍.ଡବ୍ଲ୍ୟୁ.ଏସ୍.ଏସ୍. ଅଧୀନରେ କାର୍ଯ୍ୟ କରୁଥିବା ସ୍ୱଜଳ ଧାରା ପ୍ରକଳ୍ପଗୁଡ଼ିକୁ ମଧ୍ୟ ବିଦ୍ୟୁତ୍‌ଶକ୍ତି ଯୋଗାଇ ସଠିକ୍ ପରିଚାଳନା କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଏହି ବିଦ୍ୟୁତ୍‌କରଣ କାର୍ଯ୍ୟକ୍ରମ ସମୟରେ ଗାଁରେ ଥିବା ଡାକ୍ତରଖାନା, ବିଦ୍ୟାଳୟ, ଅଙ୍ଗନବାଡ଼ି କେନ୍ଦ୍ର ଓ ପଞ୍ଚାୟତ କାର୍ଯ୍ୟାଳୟକୁ ମଧ୍ୟ ବିଦ୍ୟୁତ୍ ଯୋଗାଯିବ ବୋଲି ସ୍ଥିର କରାଯାଇଥିଲା ।

ସେହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଶକ୍ତି ବିଭାଗ ସଚିବ ଶ୍ରୀ ଉପେନ୍ଦ୍ର ପ୍ରସାଦ ସିଂହ, ନୟାଗଡ଼ ବିଧାୟକ ଶ୍ରୀ ଅରୁଣ କୁମାର ସାହୁ, ଦଶପଲ୍ଲା ବିଧାୟକ ଶ୍ରୀ ରୁଦ୍ର ମାଦବ ରାୟ, ଜିଲ୍ଲାପାଳ ଶ୍ରୀ ପରେଶ ନାୟକ, ବିଦ୍ୟୁତ୍ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଶ୍ରୀ ଜେ.ପି. ଶର୍ମା, ସେସୁର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ସମେତ ଏନ୍.ଟି.ପି.ସି.ର ନିର୍ବାହୀ ଅଧିକାରୀଗଣ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଓ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

(ସୂଚନା ଓ ଲୋକ ସଂପର୍କ ବିଭାଗ)

## ଜୟପୁରର ବିକ୍ରମଦେବ ସ୍କୁଲ ଅଫ୍ ଆର୍ଟ ଆଣ୍ଡ୍ କ୍ରାଫ୍ଟକୁ ସର୍ବାଙ୍ଗ ସୁନ୍ଦର କରାଯିବ : ସଂସ୍କୃତି ମନ୍ତ୍ରୀ

ଜୟପୁରଠାରେ ଥିବା ବିକ୍ରମଦେବ ଆର୍ଟ ଆଣ୍ଡ୍ କ୍ରାଫ୍ଟ ବିଦ୍ୟାଳୟକୁ ଅଧିକ କ୍ରିୟାଶୀଳ କରାଇବା ପାଇଁ ରାଜ୍ୟ ସରକାର ଯୋଜନା କରିଛନ୍ତି । ଏହି ଉପଲକ୍ଷେ ଏକ ଉଚ୍ଚସ୍ତରୀୟ ବୈଠକ ସଚିବାଳୟଠାରେ ଗତ ଡିସେମ୍ବର ୬ ତାରିଖ ପୂର୍ବାହ୍ନରେ ସଂସ୍କୃତି, ଶକ୍ତି ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଶ୍ରୀ ସୂର୍ଯ୍ୟନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ବିଭିନ୍ନ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯାଇଅଛି । ନିଷ୍ପତ୍ତି ଅନୁସାରେ ଜୟପୁରଠାରେ ଥିବା ଉକ୍ତ ଚାରୁକଳା ବିଦ୍ୟାଳୟଟି ଅବିଭକ୍ତ କୋରାପୁଟ ଜିଲ୍ଲାର ଏକମାତ୍ର ବିଦ୍ୟାଳୟ ହୋଇଥିବାରୁ ଏହାକୁ ଏକ ଆଧୁନିକ ଆଦର୍ଶ ଚାରୁକଳା ବିଦ୍ୟାଳୟରେ ପରିଣତ କରାଯିବ । ପ୍ରଥମ ପର୍ଯ୍ୟାୟରେ ଏଥିରେ ନୂତନ ବିଭାଗମାନ ଖୋଲାଯାଇ ଅଧିକରୁ ଅଧିକ ଛାତ୍ରଛାତ୍ରୀଙ୍କୁ ନାମଲେଖା ପାଇଁ ଆକର୍ଷିତ କରାଯିବ । ବିଦ୍ୟାଳୟର ପ୍ରଶାସନିକ ବ୍ୟବସ୍ଥାକୁ ସୁଧାରିବା ପାଇଁ ସ୍ଥାନୀୟ ଜିଲ୍ଲାପାଳ ଓ ବିଧାୟକଙ୍କୁ ସାମିଲ କରାଯିବା ଉପରେ ଗୁରୁତ୍ୱ ବୈଠକରେ ଦିଆଯାଇଥିଲା । ଏହି ଚାରୁକଳା ବିଦ୍ୟାଳୟଟିକୁ ଏକ କଳା ମହାବିଦ୍ୟାଳୟରେ ପରିଣତ କରିବାକୁ ସରକାର ଯୋଜନା ରଖିଛନ୍ତି । ଖୁବ୍‌ଶୀଘ୍ର ଅର୍ଥ ବିଭାଗଠାରୁ ଆବଶ୍ୟକ ମଂଜୁରୀ ନେଇ ସରକାର ଏ ଦିଗରେ ଅଗ୍ରସର ହେବେ । ବିଦ୍ୟାଳୟଟି ମହାବିଦ୍ୟାଳୟରେ ପରିଣତ ହେଲା ପରେ ଏହାର ଭିତ୍ତିଭୂମିର ବିକାଶ ଉପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ । ଏହା ଫଳରେ ଛାତ୍ରଛାତ୍ରୀମାନେ ଚାରୁକଳା କ୍ଷେତ୍ରରେ ଉପଲବ୍ଧ ବିଭିନ୍ନ ବିଭାଗରେ ସ୍ନାତକ ପର୍ଯ୍ୟନ୍ତ ଶିକ୍ଷାଲାଭ କରିବାର ସୁଯୋଗ ପାଇପାରିବେ ।

ସୂଚନାଯୋଗ୍ୟ ଯେ ଜୟପୁରର ଏହି ସରକାରୀ ଚାରୁକଳା ବିଦ୍ୟାଳୟଟି ୧୯୪୬ ମସିହାରେ ପ୍ରତିଷ୍ଠା ହୋଇଥିଲା । ସେହି ବୈଠକରେ ଜୟପୁରର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଶ୍ରୀ ରବିନାରାୟଣ ନନ୍ଦ, ସଂସ୍କୃତି ବିଭାଗ ଓ ସୂଚନା ଲୋକ ସଂପର୍କ ବିଭାଗର ଶାସନ ସଚିବ ଶ୍ରୀ ଗୋପୀନାଥ ମହାନ୍ତି ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ ।

(ସୂଚନା ଓ ଲୋକ ସଂପର୍କ ବିଭାଗ)

## ଜାନୁଆରୀ ୧୩ରୁ ସମ୍ମାନଜନକ କଳିଙ୍ଗ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ : ଟୁର୍ଣ୍ଣାମେଣ୍ଟକୁ ସର୍ବଭାରତୀୟ ଫୁଟବଲ ମହାସଂଘ ପକ୍ଷରୁ ସ୍ୱୀକୃତି

ସମ୍ମାନଜନକ କଳିଙ୍ଗ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ଆୟୋଜନ ସଂପର୍କରେ ଗତ ଡିସେମ୍ବର ୬ ତାରିଖ ଦିନ ସୂଚନା ଓ ଲୋକ ସଂପର୍କ ତଥା କ୍ରୀଡ଼ା ଓ ଯୁବସେବା ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଦେବାଶିଷ ନାୟକଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ସଚିବାଳୟଠାରେ ଅନୁଷ୍ଠିତ ଉକ୍ତ ବୈଠକରେ ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସମୀର ଦେ, ଓଡ଼ିଶା ଅଲମ୍ପିକ୍ ଆସୋସିଏସନ୍ ସାଧାରଣ ସଂପାଦକ ଶ୍ରୀ ଆଶୀର୍ବାଦ ବେହେରା ଏବଂ କ୍ରୀଡ଼ା ବିଭାଗ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ପଟ୍ଟନାୟକଙ୍କ ସମେତ ଅନ୍ୟାନ୍ୟ ପଦାଧିକାରୀମାନେ ଯୋଗ ଦେଇଥିଲେ ।

ବୈଠକରେ ଟୁର୍ଣ୍ଣାମେଣ୍ଟ ଆୟୋଜନ ସଂପର୍କରେ ବିଶଦ୍ ଆଲୋଚନା କରାଯାଇ ଆସନ୍ତା ଜାନୁଆରୀ ୧୩ ତାରିଖରୁ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି । କଟକ ବାରବାଟୀ ଷ୍ଟାଡ଼ିୟମ୍‌ରେ ୧୩ ତାରିଖ ଦିନ ଉଦ୍‌ଘାଟନୀ ଏବଂ ୨୦ ତାରିଖ ଦିନ ଫାଇନାଲ ଖେଳ ଦିବା-ରାତ୍ର ମ୍ୟାଚ ଭାବେ ଫ୍ଲଡ଼ଲାଇଟ୍‌ରେ ଅନୁଷ୍ଠିତ ହେବ । ଟୁର୍ଣ୍ଣାମେଣ୍ଟର ଅନ୍ୟ ମ୍ୟାଚଗୁଡ଼ିକ କଟକ, ଭୁବନେଶ୍ୱର ଓ କଳାହାଣ୍ଡିରେ ଅନୁଷ୍ଠିତ ହେବ । ଏଥିରେ ରାଜ୍ୟ ବାହାରୁ ୧୦ଟି ଏବଂ ରାଜ୍ୟ ମଧ୍ୟରୁ ୭ଟି, ମୋଟ ୧୭ଟି ଦଳ ଅଂଶଗ୍ରହଣ କରିବେ । ଏଥିପାଇଁ ୨୨ ଲକ୍ଷ ୩୨ ହଜାର ୮୧୪ ଟଙ୍କାର ଖର୍ଚ୍ଚ ଅଟକଳ କରାଯାଇଛି । ଏହି ଖର୍ଚ୍ଚ ଅଟକଳ ମଧ୍ୟରେ ଅଂଶ ଗ୍ରହଣକାରୀ ଦଳର ଦେୟ, ଖେଳପଡ଼ିଆ ପ୍ରସ୍ତୁତି, ଯାତାୟାତ, ପୁରସ୍କାର ଆଦି ଅନ୍ତର୍ଭୁକ୍ତ ।

ରାଜ୍ୟ ବାହାରୁ କୋଲକାତାର ମହମ୍ମଦ ସ୍ପୋର୍ଟିଂ, କେରଳର ଏସ୍.ବି.ଟି., ରାୟପୁରର ସାନ-ଏ-ବେଙ୍ଗଲ, ପୁନେର ପୁନେ ଫୁଟବଲ କ୍ଲବ୍, ବାଙ୍ଗାଲୋରର ହାଲ, ହରିଆନାର ଆମେଡ଼ି ୟୁନାଇଟେଡ଼୍, କେରଳର ମାଲବାର ୟୁନାଇଟେଡ଼୍ ଫୁଟବଲ କ୍ଲବ୍, ନୂଆଦିଲ୍ଲୀର ଆର୍ମି ଏକାଦଶ, କୋଲକାତାର ଚିରାଗ ୟୁନାଇଟେଡ଼୍, ଆସାମର ଅଏଲ ଇଣ୍ଡିଆ, ମୁମ୍ବାଇର ଓ.ଏନ୍.ଜି.ସି., ଢାକା ଏକାଦଶ ଏବଂ ଗୋଆର ଗୋଟିଏ ଦଳ ଅଂଶଗ୍ରହଣ କରୁଥିବା ପ୍ରକାଶ । ସେହିପରି ରାଜ୍ୟରୁ ଏସ୍.ବି.ଆଇ., କଟକ, ରାଇଜିଂ ଷ୍ଟୁଡ଼େଣ୍ଟସ୍ କ୍ଲବ୍, କଟକ, ରାଇଜିଂ ଷ୍ଟାର, କଟକ, ପୂର୍ବତଟ ରେଳବାଇ, ଖୋର୍ଦ୍ଧା, କିଶୋର କ୍ଲବ୍, ଭୁବନେଶ୍ୱର, ରାଜ୍ୟ କ୍ରୀଡ଼ା ଛାତ୍ରାବାସ, କଟକ ଏବଂ ସମ୍ବଲପୁରର ସମଲେଶ୍ୱରୀ କ୍ଲବ୍ ଦଳ ଅଂଶ ଗ୍ରହଣ କରିବେ । ଚଳିତବର୍ଷ ଏହି ଟୁର୍ଣ୍ଣାମେଣ୍ଟକୁ ଆହୁରି ଅଧିକ ଆକର୍ଷଣୀୟ ତଥା ସଫଳ କରାଯିବା ଉପରେ ବୈଠକରେ ଗୁରୁତ୍ୱ ଆରୋପ କରାଯାଇଥିଲା ।

ଉଲ୍ଲେଖନୀୟ କି ଏହି ଟୁର୍ଣ୍ଣାମେଣ୍ଟକୁ ସର୍ବଭାରତୀୟ ଫୁଟବଲ ମହାସଂଘ ସ୍ୱୀକୃତି ପ୍ରଦାନ କରିଛି । ରାଜ୍ୟର ଏହି ସମ୍ମାନଜନକ ଫୁଟବଲ ଟୁର୍ଣ୍ଣାମେଣ୍ଟକୁ ମହାସଂଘ ସ୍ୱୀକୃତି ପ୍ରଦାନ କରିଥିବାରୁ ମନ୍ତ୍ରୀ ଶ୍ରୀ ନାୟକ ମହାସଂଘର ସଭାପତି ଶ୍ରୀ ପ୍ରିୟରଂଜନ ଦାସ୍‌ମୁନ୍‌ସୀ ଏବଂ ଅନ୍ୟ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

## ଦେବାଦେବୀଙ୍କୁ ଅପମାନ, ରାଷ୍ଟ୍ରଦୂତଙ୍କ ଜରିଆରେ ଆମେରିକାକୁ କାର୍ଯ୍ୟାନୁଷ୍ଠାନ ଲାଗି କୁହାଯିବ : ଆଇନ୍ ମନ୍ତ୍ରୀ

ବିଦେଶୀ ୱେବ୍‌ସାଇଟ୍‌ରେ ଅନ୍ତଃବସ୍ତ୍ର ଓ କୁକୁର ପୋଷାକରେ ହିନ୍ଦୁ ଦେବାଦେବୀ ଏବଂ ବିଶେଷକରି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚିତ୍ର ଥିବା ପ୍ରଦର୍ଶିତ ହୋଇଛି । ହିନ୍ଦୁମାନଙ୍କ ଆରାଧ୍ୟ ଦେବତାଙ୍କୁ ଅପମାନ ଏକ ଜଘନ୍ୟ ବ୍ୟାପାର । ଏଥିରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ରାଷ୍ଟ୍ରଦୂତଙ୍କ ଜରିଆରେ ଆମେରିକାକୁ କାର୍ଯ୍ୟାନୁଷ୍ଠାନ ଲାଗି କୁହାଯିବ ଓ ଶୀଘ୍ର କମ୍ପାନୀ କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇନ୍ ମନ୍ତ୍ରୀ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ପ୍ରକାଶ କରିଛନ୍ତି ।

ଆଇନ ମନ୍ତ୍ରୀ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ସଚିବାଳୟଠାରେ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ, ଆମେରିକାର କେତେକ ବସ୍ତ୍ର ପ୍ରସ୍ତୁତକାରୀ ସଂସ୍ଥା ପକ୍ଷରୁ ମହିଳାମାନଙ୍କ ଅନ୍ତଃବସ୍ତ୍ରରେ ହିନ୍ଦୁ ସଂପ୍ରଦାୟର ଆରାଧ୍ୟ ଦେବତାମାନଙ୍କ ଚିତ୍ର ରଖାଯିବା ଘଟଣା ସରକାରଙ୍କ ଦୃଷ୍ଟିକୁ ଆସିଛି । ପ୍ରଭୁ ଜଗନ୍ନାଥଙ୍କ ଚିତ୍ର ମହିଳା ଅନ୍ତଃବସ୍ତ୍ରରେ ଦିଆଯିବା ଏକ ଘୃଣ୍ୟ ବ୍ୟାପାର । ଓଡ଼ିଶାବାସୀଙ୍କ ସଂସ୍କୃତି, ପରମ୍ପରା, ଚେତନା ଓ ସର୍ବୋପରି ଧାର୍ମିକ ଆବେଗ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସହ ଓତଃପ୍ରୋତ ଭାବେ ଜଡ଼ିତ । ତେଣୁ ଏହାକୁ କେତେ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ଉଦ୍ଦେଶ୍ୟମୂଳକ ଭାବେ ଆଘାତ ଦେବାକୁ ଓ ଅବମାନନା କରିବାକୁ ହୀନ ଚକ୍ରାନ୍ତ କରୁଥିବା ସରକାରଙ୍କର ହୃଦ୍‌ବୋଧ ହୋଇଛି । ଏଭଳି ଘଟଣା ସମସ୍ତ ହିନ୍ଦୁଙ୍କ ଧର୍ମୀୟ ଭାବନାକୁ କୁଠାରଘାତ କରିବା ସହ ଜଗନ୍ନାଥ ସଂସ୍କୃତିକୁ ଅସମ୍ମାନ କରୁଛି । ଏଣୁ ଏହାର ଦୃଢ଼ ପ୍ରତିବାଦ ଓଡ଼ିଶା କାହିଁକି, ଭାରତବର୍ଷର ସବୁ କୋଣ ଅନୁକୋଣରେ ହେବା ଦରକାର । ଭାରତୀୟ ରାଷ୍ଟ୍ରଦୂତଙ୍କୁ ଚିଠି ଲେଖି ବିଦେଶୀ ୱେବ୍‌ସାଇଟ୍‌ରେ ଯେଭଳି ଆଉ ଜଗନ୍ନାଥଙ୍କ ଚିତ୍ର ଥିବା ପୋଷାକ ପ୍ରଦର୍ଶିତ ନହୁଏ ଏବଂ ଏହାର ପ୍ରସ୍ତୁତି ବନ୍ଦ କରାଯାଏ ସେ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ କୁହାଯିବ । ଏଥିସହ ଭାରତରେ ଏଭଳି ସାମଗ୍ରୀର ବିକ୍ରିକୁ ନିଷେଧ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ଚିଠି ଲେଖାଯିବ । ଏଥିସହ ଭାରତରେ ଏଭଳି ସାମଗ୍ରୀର ବିକ୍ରିକୁ ନିଷେଧ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ଚିଠି ଲେଖାଯିବ । ବ୍ରିଟିଶ୍ ଶାସନକୁ ହଟାଇବା ପାଇଁ ସେତେବେଳେ ଯେପରି ବିଦେଶୀ ବସ୍ତ୍ରକୁ ଭାରତୀୟମାନେ ପରିତ୍ୟାଗ କରିବା ସହ ପୋଡ଼ିଥିଲେ, ସେହିଭଳି ପ୍ରଭୁ ଶ୍ରୀଜଗନ୍ନାଥ ଓ ଅନ୍ୟ ଦେବଦେବୀଙ୍କ ଚିତ୍ର ଥିବା ବସ୍ତ୍ରକୁ ପରିତ୍ୟାଗ କରିବା ସହ ପୋଡ଼ିବା ପାଇଁ ଜନସାଧାରଣ ଆଗେଇ ଆସିବାକୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଆହ୍ୱାନ ଦେଇଛନ୍ତି । ସଂପୃକ୍ତ ୱେବ୍‌ସାଇଟ୍ ଓ ବସ୍ତ୍ର ପ୍ରସ୍ତୁତକର୍ତ୍ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଆଇନଗତ ଦିଗକୁ ଅନୁଧ୍ୟାନ କରାଯାଉଛି ବୋଲି ସେ କହିଛନ୍ତି ।

ସୂଚନାଯୋଗ୍ୟ ଯେ, ଆମେରିକାର ୱେବ୍‌ସାଇଟ୍ ପକ୍ଷରୁ ପ୍ରଥମେ ମହିଳାଙ୍କ ଅନ୍ତଃବସ୍ତ୍ରରେ ଜଗନ୍ନାଥ ଓ ରାମଙ୍କ ଚିତ୍ର ପ୍ରଦର୍ଶନ କରାଯାଇଥିଲା । ଏହାପରେ ଏବେ କୁକୁର ପୋଷାକରେ ଜଗନ୍ନାଥଙ୍କ ଚିତ୍ର ଥିବା ପ୍ରଦର୍ଶିତ ହୋଇଛି । କମ୍ପାନୀ ପ୍ରସ୍ତୁତ କରୁଥିବା ବସ୍ତ୍ରରେ ଦେବଦେବୀଙ୍କ ଚିତ୍ର ଥିବା ବିଷୟ ଏହି ୱେବ୍‌ସାଇଟ୍ ମାଧ୍ୟମରେ ପ୍ରଚାର କରାଯାଉଛି ।

(ସୂଚନା ଓ ଲୋକ ସଂପର୍କ ବିଭାଗ)

## ଲିଙ୍ଗରାଜଙ୍କ ଜମି ଜବରଦଖଲକାରୀଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ହେବ

ପ୍ରଭୁ ଲିଙ୍ଗରାଜଙ୍କ ଜମି ଦଖଲକାରୀଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଆଇନ ମନ୍ତ୍ରୀ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ପ୍ରକାଶ କରିଛନ୍ତି ।

ଡିସେମ୍ବର ୧୮ ତାରିଖ ପୂର୍ବାହ୍ନରେ ସଚିବାଳୟସ୍ଥ ପ୍ରକୋଷ୍ଠରେ ଆହୂତ ଏ ସଂକ୍ରାନ୍ତୀୟ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି ଆଇନ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଲେ ଯେ ପ୍ରଭୁ ଲିଙ୍ଗରାଜଙ୍କ ଜମି ରାଜ୍ୟର ଖୋର୍ଦ୍ଧା, ପୁରୀ, ନୟାଗଡ଼, କଟକ, ସୁନ୍ଦରଗଡ଼, ବାଲେଶ୍ୱର, ଗଞ୍ଜାମ ଓ କେଉଁଝରର ଜିଲ୍ଲାରେ ଏବଂ ପଡ଼ୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶରେ ରହିଛି । ସମୁଦାୟ ୧୫୨୩ ଏକର ୮୭୯ ଡିସିମିଲି ଜମି ମଧ୍ୟରୁ ନିଜ ଦଖଲରେ ୧୫୨ ଏକର ୮୧୧ ଡିସିମିଲି, ଅନାବାଦୀ ଜମି ୪୦୪ ଏକର ୨୦୧ ଡିସିମିଲି, ଦେବସ୍ଥଳୀ ମୀନା ୩୦ ଏକର ୯୧୫ ଡିସିମିଲି, ଜାଗିର ୨୯୩

ଏକର ୬୬୧ ଡିସିମିଲି ଓ ମାଫତଦାରଙ୍କ ନାମରେ ୫୯୦ ଏକର ୯୫୪ ଡିସିମିଲି ଜମି ରହିଛି । ତନ୍ମଧ୍ୟରୁ ଭୁବେଶ୍ୱର ତହସିଲ ଅଧୀନରେ ୧୭୨ ଏକର ୫୦୭ ଡିସିମିଲି ଜମି ରହିଛି ଓ ସେଥିରୁ ପ୍ରାୟ ୫୨ ଏକର ଜମି ଜବରଦଖଲରେ ରହିଛି । ଏହି ଜମିର ବାସ୍ତବ ସ୍ଥିତି କ'ଣ, କେଉଁ ପରିସ୍ଥିତି ଏହା ଜବରଦଖଲ ହେଲା ଏଥିରେ କେଉଁ ବ୍ୟକ୍ତିବିଶେଷ ସଂପୃକ୍ତ ଆଦି ସମ୍ବନ୍ଧୀୟ ଏକ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରିବାକୁ ଆଇନ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ନିର୍ଦ୍ଦେଶ ଦେଇଥିଲେ । ସୁନ୍ଦରପଦା, କପିଳପ୍ରସାଦ, ଭୀମପୁର, ରାଜାରାଣୀ, ଗୌତମ ନଗର ଓ ପୁରୁଣା ଭୁବନେଶ୍ୱର ଅଞ୍ଚଳରେ ଏହିସବୁ ଜବରଦଖଲ ହୋଇଛି ଓ ଦଖଲକାରୀଙ୍କ ନାମ ସମ୍ବଳିତ ଏକ ଚିଠା ପ୍ରସ୍ତୁତ କରାଯିବ । ଉପଯୁକ୍ତ ତଥ୍ୟ ଦେବା ଅଭାବରୁ ହାଇକୋର୍ଟ ନାକଚ ମୋକଦ୍ଦମା, ସୁପ୍ରିମ୍‌କୋର୍ଟରେ ଲଢ଼ାଯାଇ ଜମି ଦଖଲମୁକ୍ତ ହେବ । ଦେବୋତ୍ତର କମିଶନର ଯେଉଁ କେଶଗୁଡ଼ିକରେ ଦଖଲମୁକ୍ତ କରିବାପାଇଁ ନିର୍ଦ୍ଦେଶ ଦେଇଛନ୍ତି, ତୁରନ୍ତ କାର୍ଯ୍ୟକାରୀ କରାଯିବ । ପ୍ରଭୁ ଲିଙ୍ଗରାଜଙ୍କ ଯେଉଁ ଜମି ସାଧାରଣ ପ୍ରଶାସନକୁ ଚାଲିଯାଇ ଆବଣ୍ଟିତ ହୋଇଯାଇଛି ସେସବୁ ପରୀକ୍ଷାନିରୀକ୍ଷା ହୋଇ ପୁଣି ଥରେ ରେଜିଷ୍ଟ୍ରିଭୁକ୍ତ କରାଯିବ । ରାଜସ୍ୱ ବିଭାଗ ପକ୍ଷରୁ ଜଣେ ରାଜସ୍ୱ, ଅଧିକାରୀ, ଜମିଜମା ବାବଦରେ ଅଭିଜ୍ଞ ଅବସରପ୍ରାପ୍ତ ଅଧିକାରୀ ଏହି କାର୍ଯ୍ୟ ପାଇଁ ସ୍ୱତନ୍ତ୍ର ଭାବେ ନିଯୁକ୍ତ ହେବେ । ସମ୍ବାଦପତ୍ରରେ ପ୍ରକାଶିତ ବହୁତଳ ଅଟ୍ଟାଳିକାର ଜମିକୁ ଦଖଲମୁକ୍ତ କରିବା ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇନ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ସୂଚନା ଦେଇଥିଲେ ।

ରାଜସ୍ୱ ସଚିବ ଶ୍ରୀ ଜି.ଭି.ଭି. ଶର୍ମା ଲିଙ୍ଗରାଜଙ୍କ ଜମିର ସାଂପ୍ରତିକ ସ୍ଥିତି ତୁରନ୍ତ ପ୍ରସ୍ତୁତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । କେନ୍ଦ୍ରୀୟ ରାଜସ୍ୱ ଡିଭିଜନ କମିଶନର ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର ବହୁ ବର୍ଷ ଧରି ଜବରଦଖଲରେ ଥିବା ବ୍ୟକ୍ତିବିଶେଷଙ୍କଠାରୁ ଜମିର ପ୍ରଚଳିତ ବଜାର ଦର ମୂଲ୍ୟ ନେଇ ଦଖଲକୁ ନିୟମିତ କରିବା ପାଇଁ ପ୍ରସ୍ତାବ ଦେଇଥିଲେ । ଖୋର୍ଦ୍ଧା ଜିଲ୍ଲାପାଳ ଶ୍ରୀ ନାରାୟଣ ଚନ୍ଦ୍ର ଜେନା ବେଆଇନ ନିର୍ମାଣ ଭାଙ୍ଗିବା ପ୍ରସ୍ତାବ ଦେଇଥିଲେ । ଏହି ବୈଠକରେ ଆଇନ ବିଭାଗର ପ୍ରମୁଖ ସଚିବ ଶ୍ରୀ ବି.କେ. ପଟେଲ, ଦେବୋତ୍ତର କମିଶନର ଜେ.ପି.ଦାସ, ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳ ଧୀରେନ ପଟ୍ଟନାୟକ, ଲିଙ୍ଗରାଜ ମନ୍ଦିରର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ୟାମସୁନ୍ଦର ବଳ, ସ୍ଥାନୀୟ କର୍ପୋରେଟର ସମୀର ମହାନ୍ତି, ଟ୍ରଷ୍ଟ ବୋର୍ଡ଼ ପୂର୍ଣ୍ଣ ମହାପାତ୍ର, ଭୁବନେଶ୍ୱର ତହସିଲଦାର ଭାସ୍କର ଶ୍ରୀଚନ୍ଦନ ପ୍ରମୁଖ ଯୋଗ ଦେଇ ଆଇନ ମନ୍ତ୍ରୀଙ୍କୁ ବହୁ ତଥ୍ୟ ଯୋଗାଇ ଦେଇଥିଲେ ।

(ସୂଚନା ଓ ଲୋକ ସଂପର୍କ ବିଭାଗ)

## ଗ୍ରାହକ ସେବାରେ ସନ୍ତୋଷଜନକ ଉନ୍ନତି ଆଣିବା ପାଇଁ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗଙ୍କ ନୂତନ ପଦକ୍ଷେପ

ଓଡ଼ିଶାରେ ବିଦ୍ୟୁତ୍ ଉତ୍ପାଦନ, ସରବରାହରେ ସଂସ୍କାର ଆଣିବାର ଦଶ ବର୍ଷ ପରେ ଏବଂ ବିଦ୍ୟୁତ୍ ବଣ୍ଟନର ଘରୋଇକରଣର ଆଠବର୍ଷ ପରେ ମଧ ଗ୍ରାହକ ସେବାରେ ସେପରି କୌଣସି ଉନ୍ନତି ଘଟି ନାହିଁ । ଅନ୍ୟପକ୍ଷରେ ବିଦ୍ୟୁତ୍ ସରବରାହ ଓ ବିତରଣ କ୍ଷେତ୍ରରେ କ୍ଷତି ମୋଟାମୋଟି ଦେଶରେ ୩୧ ଶତାଂଶ ହୋଇଥିଲା ବେଳେ ଓଡ଼ିଶାରେ ଏହା ୨୦୦୬-୦୭ରେ ୩୮.୬ ଶତାଂଶ ରହିଛି । ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ ଏହି ବିଦ୍ୟୁତ୍ ସରବରାହ ଓ ବିତରଣର ଲକ୍ଷ୍ୟ ୩୨.୮ ଶତାଂଶ ରଖିଥିଲା ବେଳେ ବିଦ୍ୟୁତ୍ କମ୍ପାନୀଗୁଡ଼ିକ ଏହି ଲକ୍ଷ୍ୟ ହାସଲ କରିବାରେ ବହୁ ଦୂରରେ ଅଛନ୍ତି । ସେହିପରି ମୋଟ ଉପରେ ସରବରାହ ଓ ବିତରଣଜନିତ କ୍ଷତି ସମଗ୍ର ଦେଶରେ ୩୪.୫୪ ଶତାଂଶ । ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ ତାହା ୩୭.୯ ଶତାଂଶ ଧାର୍ଯ୍ୟ କରିଥିଲା ବେଳେ ଓଡ଼ିଶାରେ ବିଦ୍ୟୁତ୍ ବଣ୍ଟନ କମ୍ପାନୀମାନଙ୍କର ଏହି କ୍ଷତି ୪୨.୭ ଶତାଂଶ ଅଟେ ।

ଏହି ବିପୁଳ ପରିମାଣର Teen & Comm. କ୍ଷତି ଯୋଗୁଁ ସେସୁ ବର୍ଷକୁ ପ୍ରାୟ ୫୦୦ କୋଟି ଟଙ୍କା ହରାଉ ଅଛନ୍ତି । ଯଦି କେବଳ ସେସୁ କ୍ଷେତ୍ରରେ ଏକ ପ୍ରତିଶତ AT & C କ୍ଷତି କମାଯାଏ ତେବେ ସେସୁ ଏହି ବାବଦରେ ବାର୍ଷିକ ପ୍ରାୟ ୧୫ କୋଟି ଟଙ୍କା ଅଧିକ ଆୟ କରିପାରିବ । ଅନ୍ୟପକ୍ଷରେ କହିବାକୁ ଗଲେ AT & C କ୍ଷତି ଯଦି ଆଖିଦୃଶିଆ ଭାବରେ କମାଯାଇ ପାରିବ ତେବେ ୨୦୦୧ ମସିହାଠାରୁ ହାରାହାରି ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ପାଇ ନଥିଲେ ମଧ ଆଗାମୀ ଦିନଗୁଡ଼ିକରେ ଏହାର ବୃଦ୍ଧିର ଆବଶ୍ୟକତା ପଡ଼ି ନପାରେ ବରଂ କ୍ଷତିର ପରିମାଣ ଯେତେ କମା ଯାଇପାରିବ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ପାଇ ନଥିଲେ ମଧ ଆଗାମୀ ଦିନଗୁଡ଼ିକରେ ଏହାର ବୃଦ୍ଧିର ଆବଶ୍ୟକତା ପଡ଼ି ନପାରେ ବରଂ କ୍ଷତିର ପରିମାଣ ଯେତେ କମା ଯାଇପାରିବ ବିଦ୍ୟୁତ୍ ଶୁଳ୍କକୁ ସେହି ଅନୁସାରେ ମଧ କମାଯାଇ ପାରିବାର ସମ୍ଭାବନା ରହିଛି ।

AES କମ୍ପାନୀ ସେସୁ ପରିଚାଳନା ଦାୟିତ୍ୱରୁ ଚାଲିଗଲା ପରେ ବର୍ତ୍ତମାନ ଏହା ବିଦ୍ୟୁତ୍ ଆଇନ ଧାରା ୨୨(୩) ଅନୁସାରେ ବିଦ୍ୟୁତ୍ ନିୟାମକ ଆୟୋଗଦ୍ୱାରା ଏକ ମ୍ୟାନେଜମେଣ୍ଟ ବୋର୍ଡ଼ ଦ୍ୱାରା ପରିଚାଳିତ ହେଉଅଛି । ବିଦ୍ୟୁତ୍ ନିୟାମକ ଆୟୋଗ ବିଦ୍ୟୁତ୍ ସବ୍‌ଷ୍ଟେସନ୍,

ଟ୍ରାନ୍ସଫରମର ଏବଂ ଗ୍ରାହକମାନଙ୍କୁ ପ୍ରକୃତରେ ଉପଯୁକ୍ତ ସେବା ମାନ ନିର୍ଦ୍ଧାରଣ ଅନୁସାରେ ପାଉଛନ୍ତି କି ନାହିଁ ସର୍‌ଜମିନ୍ ତଦନ୍ତ କରୁଛନ୍ତି । ଏହା ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର ଏବଂ ପୁରୀରେ ଶେଷ ହୋଇଅଛି । ପରବର୍ତ୍ତୀ ପର୍ଯ୍ୟାୟରେ ଏହି ସର୍‌ଜମିନ୍ ତଦନ୍ତ କଟକ, ସମ୍ବଲପୁର, ବ୍ରହ୍ମପୁରରେ କରାଯିବା ପାଇଁ ବ୍ୟବସ୍ଥା କରାଯାଇଛି ଏବଂ ଏହି ତଦନ୍ତ ରିପୋର୍ଟ ଅନୁସାରେ ଯେପରି ମରାମତି ଏବଂ ରକ୍ଷଣାବେକ୍ଷଣ, ଉନ୍ନତିକରଣ, କାମ ଠିକ୍ ସମୟରେ ହୋଇପାରିବ, ସେଥିପାଇଁ ମଧ୍ୟ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି ।

ଇତିମଧ୍ୟରେ ଗତ ସେପ୍ଟେମ୍ବର ମାସ ୨୨ ତାରିଖରେ ଆୟୋଗଙ୍କ ପକ୍ଷରୁ ଏକ କର୍ମଶାଳା ଆୟୋଜିତ ହୋଇଥିଲା । ସେହି କର୍ମଶାଳାରେ ଓଡ଼ିଶାର ବିଭିନ୍ନ ଗ୍ରାହକମାନଙ୍କର ପ୍ରତିନିଧି, ବିଦ୍ୟୁତ୍ ବିତରଣ କରୁଥିବା ଏନ୍.ଡି.ପି.ଏଲ୍. କମ୍ପାନୀର ପ୍ରତିନିଧି, କଲିକତାରେ ବିଦ୍ୟୁତ୍ ବିତରଣ କରୁଥିବା ସି.ଇ.ଏସ୍.ସି. ଏବଂ ଆନ୍ଧ୍ରପ୍ରଦେଶରେ ଏହି କାର୍ଯ୍ୟରେ ନିୟୋଜିତ ହୋଇଥିବା ପୂର୍ବତନ ମୁଖ୍ୟ ବିଦ୍ୟୁତ୍ ଇଞ୍ଜିନିୟର ମଧ୍ୟ ଭାଗ ନେଇଥିଲେ । ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ଓଡ଼ିଶା କ୍ଷେତ୍ରରେ ମୋଟ ବୈଷୟିକ ଓ ବାଣିଜ୍ୟିକ କ୍ଷତି ପ୍ରାୟ ୪୩ ଶତାଂଶ ଥିଲାବେଳେ ନୂଆଦିଲ୍ଲୀରେ ଟାଟା କମ୍ପାନୀ ଦ୍ୱାରା ପରିଚାଳିତ ଏନ୍.ଡି.ପି.ଏଲ୍.ରେ ଏହାର ହାର ପ୍ରାୟ ୨୩.୭ ଶତାଂଶ ଓ କଲିକତାରେ ଇଲେକ୍ଟ୍ରି ଯୋଗାଣ କମ୍ପାନୀଦ୍ୱାରା ପରିଚାଳିତ ଏହାର ହାର ପ୍ରାୟ ୧୫.୫ ଶତାଂଶ ଏବଂ ଆନ୍ଧ୍ରପ୍ରଦେଶରେ ଏହା ୧୨.୧ ଶତାଂଶ ଅଟେ ।

ଏନ୍.ଡି.ପି.ଏଲ୍., କଲିକତା ବିଦ୍ୟୁତ୍ ବିତରଣ କମ୍ପାନୀ ଏବଂ ଆନ୍ଧ୍ରପ୍ରଦେଶରେ କ୍ଷତି ପ୍ରାୟ ୧୫-୨୫ ଶତାଂଶ ଥିଲାବେଳେ ଗ୍ରାହକ ସେବା ମଧ୍ୟ ବହୁତ ଉନ୍ନତ ମାନର ଅଟେ । ଓଡ଼ିଶାରେ ନୂତନ ବିଦ୍ୟୁତ୍ ସଂଯୋଗ ନେବାକୁ ମାସ ମାସ ସମୟ ଲାଗୁଥିଲାବେଳେ ଏବଂ ଟ୍ରାନ୍ସଫରମ୍‌ର ପୋଡ଼ିଗଲେ ୩ ମାସରୁ ଅଧିକ ସମୟ ଅପେକ୍ଷା କରିବାକୁ ପଡ଼େ । ଦିଲ୍ଲୀ, କଲିକତା, ଆନ୍ଧ୍ରରେ ଏହି କ୍ଷେତ୍ରରେ ତୁରନ୍ତ ସେବା ଯୋଗାଇ ଦିଆଯାଉଛି । ଯେପରି ଏଲ୍.ଆଇ.ସି. ଏଜେଣ୍ଟ ଘର ଘର ବୁଲି ପଲିସି କରେ, ଦିଲ୍ଲୀ, କଲିକତା, ଆନ୍ଧ୍ରରେ ନୂତନ ବିଦ୍ୟୁତ୍ ସଂଯୋଗକରଣ, ଟ୍ରାନ୍ସଫରମର୍ ମରାମତି, ପୁନରୁଦ୍ଧାର ଇତ୍ୟାଦି ପାଇଁ ମୋବାଇଲ ଭ୍ୟାନ ଜରିଆରେ ଗ୍ରାହକମାନଙ୍କୁ ଉପଯୁକ୍ତ ସେବା ଯୋଗାଇ ଦିଆଯାଉଛି । ଦିଲ୍ଲୀ, କଲିକତା, ଆନ୍ଧ୍ରରେ ଯେପରି ଉନ୍ନତ ଧରଣର ବିଦ୍ୟୁତ୍ ସେବା ଯୋଗାଇ ଦିଆଯାଉଛି, ସେସୁ କ୍ଷେତ୍ରରେ ମଧ୍ୟ ସେହିପରି ଗ୍ରାହକ ସେବାରେ ଉନ୍ନତି ଅଣାଯାଇ ପାରିବାକୁ ଆଖିରେ ରଖି ଆୟୋଗ ନାମଜାଦା କମ୍ପାନୀମାନଙ୍କରେ କାର୍ଯ୍ୟ କରୁଥିବା ଅଭିଜ୍ଞ ଅଫିସରମାନଙ୍କୁ ପ୍ରତିଯୋଗିତାମୂଳକ ଭାବରେ ବାଛିଛନ୍ତି । ଏହି ଅଫିସରମାନେ ଯେଭଳି ଦିଲ୍ଲୀ, କଲିକତା, ଆନ୍ଧ୍ରରେ ଉନ୍ନତ ଗ୍ରାହକ ସେବା ଦେବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛନ୍ତି, ସେମାନେ ସେସୁ କ୍ଷେତ୍ରରେ ମଧ୍ୟ ସେହିପରି ସେବା ଯୋଗାଇ ଦେବେ ବୋଲି ଆଶା କରାଯାଉଛି । ଏଠାରେ ସ୍ପଷ୍ଟ କରି ଦିଆଯାଇପାରେ ଯେ, ଯେଉଁ ଅଫିସରମାନେ ଦିଲ୍ଲୀ, କଲିକତା, ଆନ୍ଧ୍ରରେ ଦୃଷ୍ଟାନ୍ତମୂଳକ ଭାବରେ ଉନ୍ନତି କରି ଆସିଛନ୍ତି ସେମାନେ ଚୁକ୍ତିଭିତ୍ତିରେ ଓଡ଼ିଶାକୁ ଆସିଲେ ମଧ୍ୟ ବର୍ତ୍ତମାନ କାର୍ଯ୍ୟ କରୁଥିବା ବିଦ୍ୟୁତ୍ ଇଞ୍ଜିନିୟରମାନଙ୍କ ପଦୋନ୍ନତିରେ କୌଣସି ବାଧାବିଘ୍ନ ହେବ ନାହିଁ । ସେମାନଙ୍କ ପାଇଁ ଉଦ୍ଦିଷ୍ଟ ପଦରେ ଏମାନଙ୍କୁ ନିଯୁକ୍ତି ଦିଆଯିବ ନାହିଁ ବରଂ ବିଦ୍ୟୁତ୍ ସରବରାହ ଏବଂ ବଣ୍ଟନ କ୍ଷେତ୍ରରେ କ୍ଷତି କମିଲେ ଓ ଗ୍ରାହକ ସେବାରେ ଉନ୍ନତି ଆସିଲେ, ଓଡ଼ିଶାରେ କାର୍ଯ୍ୟରତ ବିଦ୍ୟୁତ୍ ଇଞ୍ଜିନିୟର, ଅନ୍ୟାନ୍ୟ କର୍ମଚାରୀମାନଙ୍କୁ ଉପଯୁକ୍ତ ପ୍ରମୋଶନ ସୁବିଧା ଯୋଗାଇ ଦିଆଯିବ । ଯେଉଁ ପରିମାଣରେ AT & C କ୍ଷତି କମିବ ଓ ଗ୍ରାହକ ସେବାରେ ଉନ୍ନତି ଆସିବ ସେମାନଙ୍କ ପଦୋନ୍ନତିର ଉନ୍ନତିରେ ମଧ୍ୟ ସେହି ଅନୁସାରେ ବୃଦ୍ଧି ପାଇବାରେ କୌଣସି ପ୍ରତିବନ୍ଧକ ହେବ ନାହିଁ । ବିଦ୍ୟୁତ୍ ସରବରାହ ଓ ବିତରଣ କ୍ଷେତ୍ରରେ ଗ୍ରାହକମାନଙ୍କୁ ଉନ୍ନତ ସେବା ଯୋଗାଇ ଦେବା ଆମ ସମସ୍ତଙ୍କର ସର୍ବପ୍ରଥମ କର୍ତ୍ତବ୍ୟ ଅଟେ । ଏହାକୁ ଦୃଷ୍ଟିରେ ରଖି ଅନ୍ୟାନ୍ୟ ଘରୋଇ କମ୍ପାନୀମାନେ ସେଠାକାର ବିଦ୍ୟୁତ୍ ସରବରାହ ଓ ବିତରଣ କାର୍ଯ୍ୟକୁ ସନ୍ତୋଷଜନକ ଭାବରେ ପରିଚାଳନା ଯେପରି କରୁଅଛନ୍ତି ସେମାନଙ୍କ ସହ ଆମ ବିଦ୍ୟୁତ୍ ଇଞ୍ଜିନିୟର ଏବଂ ଅନ୍ୟାନ୍ୟ କର୍ମଚାରୀମାନେ ସଂପୂର୍ଣ୍ଣ ରୂପେ ସାହାଯ୍ୟ ଓ ସହଯୋଗ କରିବା ନିହାତି ଆବଶ୍ୟକ ଅଟେ । ଓଡ଼ିଶା ବିଦ୍ୟୁତ୍ ସଂସ୍କାର କ୍ଷେତ୍ରରେ ଅନ୍ୟ ରାଜ୍ୟ ପାଇଁ ପଥପ୍ରଦର୍ଶକ ହୋଇ ମଧ୍ୟ ବିଦ୍ୟୁତ୍ ସରବରାହ ଓ ବିତରଣରେ କ୍ଷତିର ପରିମାଣ ବହୁତ ବେଶୀ ଓ ଗ୍ରାହକ ସେବା ମଧ୍ୟ ଆଦୌ ସନ୍ତୋଷଜନକ ନୁହେଁ । ଏହି ସମସ୍ୟାର ଯେତେ ଶୀଘ୍ର ସମାଧାନ ହୋଇପାରିବ ଓ ବିଦ୍ୟୁତ୍ ଗ୍ରାହକ ସେବାରେ ଉତ୍ତମ ସେବା ଯୋଗାଇ ଦେବା ସେଥି ନିମନ୍ତେ ପ୍ରତିଜ୍ଞାବଦ୍ଧ ଭାବରେ ଏକନିଷ୍ଠ ଭାବରେ ସମୟସୀମା ଭିତ୍ତିରେ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ଆୟୋଗର ଅଧକ୍ଷ ଶ୍ରୀ ବି.କେ. ଦାସ ସୂଚନା ଦେଇଛନ୍ତି ।

(ସୂଚନା ଓ ଲୋକ ସଂପର୍କ ବିଭାଗ)

# ଅପରାଧ ଓ ଟ୍ରାଫିକ ନିୟନ୍ତ୍ରଣ ଉପରେ ନୂତନ ପୋଲିସ କମିଶନରଙ୍କ ଗୁରୁତ୍ୱାରୋପ

ରାଜ୍ୟରେ ପ୍ରଥମ କରି ଭୁବନେଶ୍ୱର - କଟକ ମହାନଗର ନିଗମ ପାଇଁ ନୂତନ ପୋଲିସ କମିଶନରେଟ୍ ବ୍ୟବସ୍ଥା ନୂତନ ବର୍ଷ ପହିଲା (ତା.୦୧.୦୧.୨୦୦୮)ରୁ ଆରମ୍ଭ ହେବ । ଦୁଇଟିଯାକ ସହରରେ ଆଇନଶୃଙ୍ଖଳା ଏବଂ ଅପରାଧ ନିୟନ୍ତ୍ରଣ ପାଇଁ ନୂତନ ବ୍ୟବସ୍ଥା ଅଧୀନରେ ଜଣେ ପୋଲିସ କମିଶନର ରହିବେ । ତାଙ୍କୁ ସହାୟତା କରିବା ଲାଗି ୮ ଜଣ ଉପ-କମିଶନର (ଡି.ସି.ପି.) ଏବଂ ଦୁଇଟିଯାକ ପୋଲିସ ଜିଲ୍ଲାର ୯ଟି ପୋଲିସ୍ ସବ୍‌ଡିଭିଜନ ପାଇଁ ଜଣେ ଲେଖାଏଁ ସହକାରୀ କମିଶନର (ଏ.ସି.ପି.) ରହିବେ । ଏହି ବ୍ୟବସ୍ଥାରେ ପ୍ରତ୍ୟେକ କମିଶନରଙ୍କୁ ମାଜିଷ୍ଟ୍ରେଟ କ୍ଷମତା ପ୍ରଦାନ କରାଯାଇଛି ।

ଡିସେମ୍ବର ମାସ ୧୮ ତାରିଖରେ ଭୁବନେଶ୍ୱରଠାରେ ନବନିଯୁକ୍ତ ପୋଲିସ କମିଶନର ଶ୍ରୀ ବିନୟ କୁମାର ବେହେରା ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଭୁବନେଶ୍ୱର ପୋଲିସ ଜିଲ୍ଲାକୁ ୫ଟି ସବ୍‌ଡିଭିଜନରେ ବିଭକ୍ତ କରାଯାଇଛି । କ୍ୟାପିଟାଲ ଓ ଖାରବେଳ ନଗର ଥାନାକୁ ନେଇ ପ୍ରଥମ ସବ୍‌ଡିଭିଜନ, ଲିଙ୍ଗରାଜ, ଜଟଣୀ ଓ ଏୟାରଫିଲ୍‌ଡ଼ ଥାନାକୁ ନେଇ ଦ୍ୱିତୀୟ, ଖଣ୍ଡଗିରି, ନୟାପଲ୍ଲୀ ଓ ଶହୀଦନଗର ଥାନାକୁ ନେଇ ତୃତୀୟ, ଇନ୍‌ଫୋସିଟି, ମଞ୍ଚେଶ୍ୱର, ଚନ୍ଦକା ଓ ଚନ୍ଦ୍ରଶେଖରପୁର ଥାନାକୁ ନେଇ ଚତୁର୍ଥ ଏବଂ ବଡ଼ଗଡ଼, ଲକ୍ଷ୍ମୀସାଗର, ବାଲିଅନ୍ତା ଓ ବାଲିପାଟଣା ଥାନାକୁ ନେଇ ପଞ୍ଚମ ସବ୍‌ଡିଭିଜନ ଗଠନ କରାଯାଇଛି ।

ସେହିପରି କଟକ ପୋଲିସ ଜିଲ୍ଲାକୁ ୪ଟି ସବ୍‌ଡିଭିଜନରେ ବିଭକ୍ତ କରାଯାଇଛି । ଚୌଦ୍ୱାରା, ଜଗତ୍‌ପୁର ଓ ଚାଉଳିଆଗଞ୍ଜ ଥାନାକୁ ନେଇ ପ୍ରଥମ, ମଙ୍ଗଳାବାଗ, କ୍ୟାଣ୍ଟନମେଣ୍ଟ ଓ ଦରଘାବଜାର ଥାନାକୁ ନେଇ ଦ୍ୱିତୀୟ, ଲାଲବାଗ୍, ପୁରୀଘାଟ, ବିଡ଼ାନାଶି ଓ ମର୍କତନଗର ଥାନାକୁ ନେଇ ତୃତୀୟ ଏବଂ ମଧୁପାଟଣା, କଟକ ସଦର ଓ ବାରଙ୍ଗ ଥାନାକୁ ନେଇ ଚତୁର୍ଥ ସବ୍‌ଡିଭିଜନ ଗଠନ କରାଯାଇଛି ।

ଶ୍ରୀ ବେହେରା କହିଛନ୍ତି ଯେ ପ୍ରତ୍ୟେକ ପୋଲିସ ଜିଲ୍ଲାର ସାମଗ୍ରିକ ଦାୟିତ୍ୱ ଜଣେ ଲେଖା ଡିସି.ପି.ଙ୍କୁ ପ୍ରଦାନ କରାଯିବ । ଏହାବ୍ୟତୀତ କମିଶନରେଟ ମୁଖ୍ୟ କାର୍ଯ୍ୟାଳୟରେ ଅପରାଧ ପାଇଁ, ଟ୍ରାଫିକ୍ ପାଇଁ, ଗୁଇନ୍ଦା ଓ ସୁରକ୍ଷା ପାଇଁ, ତାଲିମ୍ କାର୍ଯ୍ୟକ୍ରମ ପାଇଁ ଏବଂ ସଶସ୍ତ୍ର ରିଜର୍ଭ ପୋଲିସ ପାଇଁ ଜଣେ ଲେଖା ଡି.ସି.ପି. ଦାୟିତ୍ୱରେ ରହିବେ । ମହିଳା ଏବଂ ବିଦ୍ୟୁତ୍ ଥାନାଗୁଡ଼ିକ ଅପରାଧ ବିଭାଗ ଡି.ସି.ପି.ଙ୍କ ଅଧୀନରେ କାର୍ଯ୍ୟ କରିବ ।

ଶ୍ରୀ ବେହେରା କହିଛନ୍ତି ଯେ ନୂତନ ପୋଲିସ କମିଶନର ଟ୍ରାଫିକ ବ୍ୟବସ୍ଥାର ସୁପରିଚାଳନା ଏବଂ ନିୟନ୍ତ୍ରଣକୁ ପ୍ରାଥମିକତା ଦେବା ବେଳେ ଅସାମାଜିକ ଶକ୍ତି ତଥା ଅପରାଧୀଙ୍କପ୍ରତି କୌଣସି ପ୍ରକାର କୋହଳ ମନୋଭାବ ପ୍ରଦର୍ଶନ କରିବେ ନାହିଁ । ବେପରୁଆ ଅଟୋରିକ୍‌ସା ଚାଳନା ଏବଂ ପାର୍କିଂକୁ ତୁରନ୍ତ ସୁନିୟନ୍ତ୍ରିତ କରିବା ଲାଗି ପଦକ୍ଷେପ ଗ୍ରହଣ କରାଯିବ ।

ରାସ୍ତାର ବାମପାର୍ଶ୍ୱ ଦେଇ ଗାଡ଼ିକୁ ଅତିକ୍ରମ କରିବା, ରାସ୍ତାରେ ମନଇଚ୍ଛା ଗାଡ଼ି ଏବଂ ଗୃହପାଳିତ ପଶୁଙ୍କୁ ଛାଡ଼ିବା ଏବଂ ସଡ଼କ ଆଇନକୁ ପାଳନ କରୁନଥିବା ବ୍ୟକ୍ତି ବିଶେଷଙ୍କ ବିରୋଧରେ ଓଡ଼ିଶା ସହରାଞ୍ଚଳ ପୋଲିସ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସହର ଭିତରେ କୌଣସି ଗାଡ଼ିରେ ଅଥବା ଶଗଡ଼ରେ ବାଉଁଶ, ଲମ୍ବା ଲୁହା ରଡ୍ ଆଦି ସାମଗ୍ରୀ ପରିବହନକୁ ନିଷିଦ୍ଧ କରାଯିବ ।

ରାସ୍ତାକଡ଼ରେ ଏବଂ ସାହିବସ୍ତିରେ ଗ୍ୟାରେଜ୍ କରିବା, ଗାଡ଼ି ସଫା କରିବା ଏବଂ ଗୁହାଳ କରିବା ଆଦି କାର୍ଯ୍ୟକୁ ଆଇନ ଅନୁଯାୟୀ ବରଦାସ୍ତ କରାଯିବ ନାହିଁ ବୋଲି ସେ କହିଛନ୍ତି ।

ରାସ୍ତା ଉପରେ ବହୁ ସମୟ ପର୍ଯ୍ୟନ୍ତ ଗାଡ଼ି ରଖି ମାଲ ବୋଝେଇ ବା ଖଲାସ କରିବା, ଯାତ୍ରୀ ନେବା ଆଣିବା କରିବା କାର୍ଯ୍ୟକୁ ପ୍ରଶ୍ରୟ ଦିଆଯିବ ନାହିଁ । ବିଭିନ୍ନ ଆଳରେ ଜନସାଧାରଣଙ୍କ ଯାତାୟାତ ବ୍ୟବସ୍ଥାରେ ବାଧା ଉପୁଜାଇବାକୁ ମଧ କଡ଼ା ଦୃଷ୍ଟିରେ ଦେଖାଯିବ । ସର୍ବସାଧାରଣରେ ଅଶୋଭନୀୟ ଆଚରଣ ପ୍ରଦର୍ଶନ, ଯାତ୍ରୀମାନଙ୍କ ଯାତ୍ରାତରେ ବାଧା ସୃଷ୍ଟି କରିବା ଏବଂ ସାହିବସ୍ତି ଓ ଗଳିକନ୍ଦିରେ ଗଣ୍ଡଗୋଳ ତଥା ଅସଦାଚରଣ ଆଦି ପ୍ରଦର୍ଶନକୁ ଦୃଢ଼ଭାବେ ପ୍ରତିହତ କରାଯିବ ।

ବିନା ଅନୁମତିରେ ସରକାରୀ କୋଠାବାଡ଼ିରେ ପୋଷ୍ଟର, ନୋଟିସ୍ ଓ ବିଲ୍ ଆଦି ଲଗାଇବା ଉପରେ ମଧ୍ୟ କଟକଣା ଜାରି କରାଯିବ ।

ସର୍ବସାଧାରଣଙ୍କୁ ଅସୁବିଧା ହେବାଭଳି ଶୋଭାଯାତ୍ରା ଉପରେ ମଧ କଟକଣା ଜାରି କରାଯିବ ।

କଟକ ଏବଂ ଭୁବନେଶ୍ୱର ସହରରେ ଦୈନିକ ୮ ଲକ୍ଷରୁ ଊର୍ଦ୍ଧ୍ୱ ଗାଡ଼ି ଚଳାଚଳ କରୁଥିବାବେଳେ ଦୈନିକ ଶତାଧିକ ଗାଡ଼ି ପଞ୍ଜିକୃତ ହେଉଛି । ଏହାଦ୍ୱାରା ଟ୍ରାଫିକ୍ ସମସ୍ୟା ମଧ୍ୟ ବଢ଼ି ଚାଲିଛି । ଏଣୁ ପ୍ରତ୍ୟେକ ଟ୍ରାଫିକ୍ ଛକରେ ଭିଡ଼ କମାଇବା ପାଇଁ ପର୍ଯ୍ୟାୟ କ୍ରମେ ତିନିଥାକିଆ ରାସ୍ତା ଆରମ୍ଭ କରାଯିବ ବୋଲି ସେ ସୂଚନା ଦେଇଛନ୍ତି ।

ଅଟୋରିକ୍ସାରେ ଅଧିକ ଯାତ୍ରୀଙ୍କୁ ନେବା ଆଣିବା କରିବା, ଦୁଇ ଚକିଆ ଯାନରେ ଦୁଇରୁ ଅଧିକ ଲୋକ ବସିବା, ହେଲମେଟ ବ୍ୟବହାର ନକରିବା ଏବଂ ଗାଡ଼ି ଚଳାଇବା ବେଳେ ମୋବାଇଲ ବ୍ୟବହାର ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସତର୍କ କରାଇ ଦେଇଛନ୍ତି ।

ହାଇଦ୍ରାବାଦ ଓ ବାଙ୍ଗାଲୋର ଭଳି ପ୍ରକୃତ ଗାଡ଼ି ମାଲିକଙ୍କ ଏକ ତାଲିକା ପୋଲିସ ଓ ଏମ୍.ଭି.ଆଇ.ଙ୍କ ପାଖରେ ରଖାଯିବ । ଗାଡ଼ିର ସମସ୍ତ ବୈଧ କାଗଜପତ୍ର ସାଙ୍ଗରେ ଧରି ଗାଡ଼ି ଚଳାଇବା ଉପରେ ଜୋର ଦିଆଯିବ । ଆଇନ ଖିଲାପକାରୀଙ୍କ ବିରୁଦ୍ଧରେ ଏକ ହଜାର ଟଙ୍କା ଜୋରିମାନା ଏବଂ ଅନାଦେୟରେ ଏକମାସ ଜେଲ ଦଣ୍ଡ ବିଧାନର ବ୍ୟବସ୍ଥା ରହିଛି ବୋଲି ସେ କହିଛନ୍ତି ।

ଅପରାଧ ନିୟନ୍ତ୍ରଣ ସଂପର୍କରେ ଶ୍ରୀ ବେହେରା କହିଛନ୍ତି ଯେ ଅସାମାଜିକ ବ୍ୟକ୍ତି, ଗୁଣ୍ଡା ତଥା ଦାଦାଗିରି ବିରୁଦ୍ଧରେ ପୋଲିସ୍, ପକ୍ଷରୁ କଠୋର ଅଭିଯାନ ଆରମ୍ଭ କରାଯିବ । କୌଣସି ଅପରାଧୀଙ୍କ ସହ ଯୋଗସୂତ୍ର ରଖିଥିବା ପୋଲିସ ଅଧିକାରୀଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଅପରାଧ ଓ ଅପରାଧୀଙ୍କ ସଂପର୍କରେ ଜନସାଧାରଣ ନିର୍ଭୟରେ ପୋଲିସକୁ ସୂଚନା ଦେଇପାରିବେ । ଏଥିପାଇଁ ଦୁଇଟିଯାକ ସହରର ଗୁରୁତ୍ୱପୂର୍ଣ୍ଣ ସ୍ଥାନମାନଙ୍କରେ ଅଭିଯୋଗ ବାକ୍ସ ରଖାଯିବ । ଅପରାଧ ନିୟନ୍ତ୍ରଣ ପାଇଁ ପୋଲିସ କମିଶନରଙ୍କ କାର୍ଯ୍ୟାଳୟରେ ଏକ ସ୍ୱତନ୍ତ୍ର ସେଲ୍ ଖୋଲାଯିବ ବୋଲି ଶ୍ରୀ ବେହେରା ସୂଚନା ଦେଇଛନ୍ତି ।

(ସୂଚନା ଓ ଲୋକ ସଂପର୍କ ବିଭାଗ)

## ଆନ୍ତର୍ଜାତିକ ଓଡ଼ିଶୀ ନୃତ୍ୟ ଏବଂ ସଂଗୀତ ମହୋତ୍ସବକୁ ଅଧିକ ଆକର୍ଷଣୀୟ କରାଯିବ : ସଂସ୍କୃତି ମନ୍ତ୍ରୀ

ଚଳିତବର୍ଷ ଡିସେମ୍ବର ୨୬ରୁ ୩୦ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରଠାରେ ରାଜ୍ୟ ସଂସ୍କୃତି ବିଭାଗ ଏବଂ ଓଡ଼ିଶୀ ଗବେଷଣା କେନ୍ଦ୍ରର ମିଳିତ ସହଯୋଗରେ ଆନ୍ତର୍ଜାତିକ ଓଡ଼ିଶୀ ନୃତ୍ୟ ଏବଂ ସଂଗୀତ ମହୋତ୍ସବ ଆୟୋଜିତ ହେବ । ଏହି ମହୋତ୍ସବକୁ ଅଧିକ ଆକର୍ଷଣୀୟ କରାଯାଇ ଓଡ଼ିଶୀ ନୃତ୍ୟ ଓ ସଂଗୀତକୁ ବିଶ୍ୱବ୍ୟାପୀ କରାଯିବ ବୋଲି ସଚିବାଳୟଠାରେ ଏହି ଉପଲକ୍ଷେ ଆୟୋଜିତ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକରେ ଅଧ୍ୟକ୍ଷତା କରି ସଂସ୍କୃତି, ଶକ୍ତି ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଶ୍ରୀ ସୂର୍ଯ୍ୟନାରାୟଣ ପାତ୍ର ପ୍ରକାଶ କରିଛନ୍ତି । ବିଗତ ତିନିବର୍ଷ ଧରି ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଏହି ମହୋତ୍ସବ ଆୟୋଜିତ ହୋଇ ଆସୁଥିଲେ ମଧ୍ୟ ଚଳିତବର୍ଷ ଏହାକୁ ଏକ ଭିନ୍ନ ଢଙ୍ଗରେ କରାଯାଇ ରାଜ୍ୟ, ଦେଶ ତଥା ବିଦେଶର ଅଧିକରୁ ଅଧିକ ଓଡ଼ିଶୀ ନୃତ୍ୟ ଓ ସଂଗୀତ ଦଳକୁ ସାମିଲ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ସୂଚନା ଦେଇଛନ୍ତି । ଚଳିତବର୍ଷ ଏହି ମହୋତ୍ସବରେ ପର୍ଯ୍ୟଟନ ଓ ଶିଳ୍ପ ବିଭାଗକୁ ସାମିଲ କରାଯାଇ ଆର୍ଥିକ ପ୍ରାୟୋଜନର ବ୍ୟବସ୍ଥା କରାଯିବାର ଯୋଜନା ରଖାଯାଇଛି ବୋଲି ବୈଠକରେ ଉପସ୍ଥିତ ଥିବା ସଂସ୍କୃତି ବିଭାଗ ସଚିବ ଶ୍ରୀ ଗୋପୀନାଥ ମହାନ୍ତି କହିଛନ୍ତି ।

ନିଷ୍ପତ୍ତି ଅନୁସାରେ ନୃତ୍ୟ ସଂଗୀତର ଏହି ସମ୍ମାନଜନକ ମହୋତ୍ସବ ଭୁବନେଶ୍ୱରର ଉତ୍କଳ ସଂଗୀତ ମହାବିଦ୍ୟାଳୟ ପରିସରସ୍ଥ ଉତ୍କଳ ମଣ୍ଡପଠାରେ ଆୟୋଜନ କରାଯିବ । ପାଞ୍ଚଦିନ ବ୍ୟାପୀ ଚାଲିବାକୁ ଥିବା ଏହି ଉତ୍ସବରେ ସକାଳ ୧୦ ଘଟିକାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଓଡ଼ିଶୀ ସଂଗୀତ ଓ ନୃତ୍ୟ ଉପରେ ଗବେଷଣାତ୍ମକ କର୍ମଶାଳା ଓ ଆଲୋଚନା ଚକ୍ରର ଆୟୋଜନ କରାଯିବ । ଏହି ଆଲୋଚନା ଚକ୍ରରେ ଓଡ଼ିଶୀ ନୃତ୍ୟ ଓ ସଂଗୀତରେ ପାରଦର୍ଶିତା ହାସଲ କରିଥିବା କିଛି ସ୍ୱନାମଧନ୍ୟ ବିଶାରଦଙ୍କୁ ଆମନ୍ତ୍ରଣ କରାଯିବ । ଅପରାହ୍ନ ୪ ଘଟିକାରୁ ୬ ଘଟିକା ପର୍ଯ୍ୟନ୍ତ ଓଡ଼ିଶୀ ସଂଗୀତ ଉପରେ କାର୍ଯ୍ୟକ୍ରମମାନ ପରିବେଷଣ କରାଯିବ । ସନ୍ଧ୍ୟା ୬.୩୦ ମିନିଟ୍ରୁ ରାତ୍ର ୧୦ ଘଟିକା ପର୍ଯ୍ୟନ୍ତ ଓଡ଼ିଶୀ ନୃତ୍ୟ କାର୍ଯ୍ୟକ୍ରମ ଚାଲିବ । ସୂଚନାଯୋଗ୍ୟ ଯେ ଚଳିତ ବର୍ଷ ଏହି ମହୋତ୍ସବରେ ଅଂଶଗ୍ରହଣ କରିବା ପାଇଁ ଶ୍ରେଷ୍ଠ ଦଳମାନଙ୍କୁ ୱେବ୍‌ସାଇଟ୍ ମାଧ୍ୟମରେ ଆମନ୍ତ୍ରଣ କରାଯାଇଥିଲା । ତଦନୁସାରେ ୧୫୦ ଗୋଟି ଦଳ ଅଂଶଗ୍ରହଣ ନିମନ୍ତେ ସେମାନଙ୍କ ସ୍ୱୀକୃତି ପ୍ରଦାନ କରିଛନ୍ତି । ସେମାନଙ୍କ ମଧ୍ୟରୁ ଆମେରିକା, ପେରୁ ଓ ଜାପାନର ଓଡ଼ିଶୀ ନୃତ୍ୟ ଦଳମାନେ ଅଂଶଗ୍ରହଣ କରିବେ ବୋଲି ଜଣାପଡ଼ିଛି । ଓଡ଼ିଶା ଭିତରୁ ଓ ଓଡ଼ିଶା ବାହାରୁ ମଧ୍ୟ ପ୍ରତିଷ୍ଠିତ ଦଳମାନେ ଏହି ଉତ୍ସବରେ ଭାଗ ନେବାର କାର୍ଯ୍ୟକ୍ରମ ରହିଛି ।

ଏହି ବୈଠକରେ ଓଡ଼ିଶୀ ଗବେଷଣା କେନ୍ଦ୍ରର ମୁଖ୍ୟ ନିର୍ବାହୀ ରାମହରି ଦାସ ଓ ଗବେଷଣା କେନ୍ଦ୍ରରୁ ଶ୍ରୀମତୀ ସଂଗୀତା ଗୋସାଇଁ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

(ସୂଚନା ଓ ଲୋକ ସଂପର୍କ ବିଭାଗ)

## ରାଜ୍ୟରେ ରବିଚାଷ ନିମନ୍ତେ ଚାଷୀମାନଙ୍କୁ ଉନ୍ନତମାନର ବିହନ ଯୋଗାଣର ବ୍ୟବସ୍ଥା

ରବି ଋତୁରେ ଧାନ, ଗହମ, ତୈଳବୀଜ ଓ ଡାଲିଜାତୀୟ ଫସଲର ଚାଷ ନିମନ୍ତେ ରାଜ୍ୟରେ ବିଭିନ୍ନ କିସମର ଉନ୍ନତମାନର ବିହନ ଚାଷୀମାନଙ୍କୁ ଯୋଗାଇ ଦେବା ପାଇଁ କୃଷି ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି । ରବିଋତୁ ପାଇଁ ଧାନ ବିହନ ୩୫ ହଜାର ୩୫୦ କ୍ୱିଣ୍ଟାଲ ଚାଷୀମାନଙ୍କୁ ଯୋଗାଇ ଦେବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିବା ବେଳେ ଗହମ ୬ ହଜାର ୭୪୩ କ୍ୱିଣ୍ଟାଲ୍, ମକା ୧୬.୮୬ କ୍ୱିଣ୍ଟାଲ, ମୁଗ ୧,୬୪୫ କ୍ୱିଣ୍ଟାଲ, ବିରି ୧,୪୫୦ କ୍ୱିଣ୍ଟାଲ, ବୁଟ ୧୩୬ କ୍ୱିଣ୍ଟାଲ୍, ମଟର ୭୧୭ କ୍ୱିଣ୍ଟାଲ, ସୋରିଷ ୧,୧୩୬ କ୍ୱିଣ୍ଟାଲ, ଚିନାବାଦାମ ୮୪, ୧୬୫ କ୍ୱିଣ୍ଟାଲ ଓ ସୂର୍ଯ୍ୟମୁଖୀ ୧୬୧ କ୍ୱିଣ୍ଟାଲ ଯୋଗାଇ ଦେବା ପାଇଁ ମଧ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି । ଚାଷୀମାନଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଚଳିତ ମାସ ପ୍ରଥମ ସପ୍ତାହ ସୁଦ୍ଧା ଧାନ ବିହନ ୧୮,୧୬୮ କ୍ୱିଣ୍ଟାଲ୍, ଗହମ ଓ ୬,୯୩୪ କ୍ୱିଣ୍ଟାଲ, ମକା ୧୬.୮୦ କ୍ୱିଣ୍ଟାଲ୍, ମୁଗ ୯୧୦ କ୍ୱିଣ୍ଟାଲ, ବିରି ୧,୨୩୮ କ୍ୱିଣ୍ଟାଲ, ବୁଟ ୧୪୦ କ୍ୱିଣ୍ଟାଲ, ମଟର ୬୯୭ କ୍ୱିଣ୍ଟାଲ, ସୋରିଷ ୧୦୦୩ କ୍ୱିଣ୍ଟାଲ, ଚିନାବାଦାମ ୬୪,୩୪୭ କ୍ୱିଣ୍ଟାଲ ଓ ସୂର୍ଯ୍ୟମୁଖୀ ୬୯ କ୍ୱିଣ୍ଟାଲ ଯୋଗାଇ ଦିଆଯାଇଛି । ସେହି ସମୟ ସୁଦ୍ଧା ଗତବର୍ଷ ଧାନ ୭୬୩୦ କ୍ୱିଣ୍ଟାଲ, ଗହମ ୪,୨୮୪ କ୍ୱିଣ୍ଟାଲ, ମକା ୩୬.୦୦ କ୍ୱିଣ୍ଟାଲ, ମୁଗ ୧୩୩୭ କ୍ୱିଣ୍ଟାଲ, ବିରି ୩୪ କ୍ୱିଣ୍ଟାଲ, ବୁଟ ୫୦ କ୍ୱିଣ୍ଟାଲ, ମଟର ୭୬୭ କ୍ୱିଣ୍ଟାଲ, ସୋରିଷ ୧୦୭୦ କ୍ୱିଣ୍ଟାଲ, ଚିନାବାଦାମ ୬୫,୬୯୬ କ୍ୱିଣ୍ଟାଲ ଓ ସୂର୍ଯ୍ୟମୁଖୀ ୧୬୦ କ୍ୱିଣ୍ଟାଲ ବିହନ ଯୋଗାଇ ଦିଆଯାଇଥିଲା ।

(ସୂଚନା ଓ ଲୋକ ସଂପର୍କ ବିଭାଗ)

## ୧୮୧୭ର ପାଇକ ବିଦ୍ରୋହ ହିଁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ - ବିଶ୍ୱଭୂଷଣ

ଦୁର୍ଦ୍ଧର୍ଷ ସମରବିଶାରଦ ଓଡ଼ିଆ ଜାତି ଫିରିଙ୍ଗୀ ସମ୍ମୁଖରେ କେବେହେଁ ମଥାନତ କରିନାହିଁ । ବିପ୍ଳବର ଅଗ୍ନିସ୍ଫୁଲିଙ୍ଗ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ୧୮୧୭ରେ ସଂଗଠିତ ପାଇକ ବିଦ୍ରୋହ ଇଂରେଜମାନଙ୍କୁ ହତଚକିତ କରିଦେଇଛି । ୧୮୫୭ର ସିପାହୀ ବିଦ୍ରୋହ ନୁହେଁ, ୧୮୧୭ର ପାଇକ ବିଦ୍ରୋହ ହିଁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ଆଇନ, ଶିକ୍ଷା ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ମତପ୍ରକାଶ କରିଛନ୍ତି ।

ସ୍ଥାନୀୟ ଜୟଦେବ ଭବନଠାରେ ବରୁଣେଇ ଓ ଖୋରଧାଗଡ଼ ବିକାଶ ପରିଷଦ ଉଦ୍ୟମରେ ଆୟୋଜିତ 'ପାଇକ ବିଦ୍ରୋହ ହିଁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ' ଶୀର୍ଷକ ଜାତୀୟ ଆଲୋଚନାଚକ୍ରକୁ ଉଦ୍‌ଘାଟନ କରି ଆଇନ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଲେ ଯେ ଓଡ଼ିଆ ଜାତିର ଗାରିମାମୟ ଇତିହାସ ସମଗ୍ର ପୃଥିବୀରେ ମଧ ବିରଳ । ଜନନୀ ଜନ୍ମଭୂମିକୁ ପରାଧୀନତାର ଶୃଙ୍ଖଳରୁ ଛିନ୍ନ କରିବା ପାଇଁ, ତା'ର ବୁକୁରେ ସ୍ୱାଧୀନତାର ଶୌର୍ଯ୍ୟ, ବୀର୍ଯ୍ୟ ଓ ପିତାମହ ଜୟୀ ରାଜଗୁରୁଙ୍କୁ ଇଂରେଜମାନେ ଯେଉଁଭଳି ଅମାନୁଷିକ, ଅମାନବୀୟ, ବର୍ବରଭାବେ ହତ୍ୟା କରିଥିଲେ ତାହା ମଧ କଳଙ୍କର ଶେଷ ସୀମାକୁ ପାର କରିଯାଇଛି । ତା' ପରେ ଆରମ୍ଭ ହୋଇଥିଲା ପାଇକ ବିଦ୍ରୋହର ଅଭୂତପୂର୍ବ ଅଧ୍ୟାୟ । ଏହି ଅଧ୍ୟାୟର ଦୁର୍ଦ୍ଧର୍ଷ ମହାନାୟକ ଥିଲେ ବକ୍ସି ଜଗବନ୍ଧୁ ବିଦ୍ୟାଧର ଭ୍ରମରବର ରାୟ । ଭାରତର ସର୍ବପ୍ରଥମ ସ୍ୱାଧୀନତା ସଂଗ୍ରାମ ଓ ସାମରିକ ବିପ୍ଳବର ଗତିନିୟନ୍ତା ଧ୍ରୁବତାରା ପୁରୁଷ ସିଂହ ବକ୍ସି ଜଗବନ୍ଧୁ ଦୁର୍ଦ୍ଧର୍ଷ, ଅତ୍ୟାଚାରୀ ବ୍ରିଟିଶ ରାଜଶକ୍ତି ଛାତିରେ ଛନକା ସୃଷ୍ଟି କରି ସେମାନଙ୍କୁ ପରାଜୟର ସ୍ୱାଦ ଚଖାଇଥିଲେ । ଦେଶମାତୃକା, ଜନ୍ମମାଟିର ସ୍ୱାଧୀନତା ଅକ୍ଷୁଣ୍ଣ ରଖିବା, ଇଂରେଜ ନିକଟରେ ମଥାନତ ନ କରିବା ପାଇଁ ପାଇକମାନଙ୍କ ଦୃଢ଼ ସଂକଳ୍ପ, ଆତ୍ମବିଶ୍ୱାସ ଓ ସ୍ୱାଭିମାନର ଜ୍ୱଳନ୍ତ ମଶାଲ ଥିଲେ ବକ୍ସି ଜଗବନ୍ଧୁ । ଓଡ଼ିଶାର ଗୌରବୋଜ୍ଜ୍ୱଳ ସାମରିକ ପରମ୍ପରାର ମହାନ୍ ଆଦର୍ଶ ବକ୍ସି ପାଇକମାନଙ୍କୁ ନେଇ ଅଦ୍ୱିତୀୟ ଯୁଦ୍ଧ ପରିଚାଳନା, ସମର ସଂଗଠନ, ଅତର୍କିତ ଗରିଲା ଆକ୍ରମଣ ଦ୍ୱାରା ବ୍ରିଟିଶମାନଙ୍କୁ ଥରହର କରି ଦେଇଥିଲେ । କୃତ୍ତିବାସ ପାଟଶାଣୀ, ମାଧବ ରାଉତରାୟ, ତାପଙ୍ଗ ଦଳବେହେରା, ବାମଦେବ ପଟଯୋଷୀ, ପିଣ୍ଡିକି ବାହୁବଳେନ୍ଦ୍ର, ଚକ୍ର ବିଷୋୟୀଙ୍କ ଅନୁପମ ଦେଶପ୍ରେମ, ଗଭୀର ଆତ୍ମବିଶ୍ୱାସ, ପ୍ରଚଣ୍ଡ ସ୍ୱାଭିମାନ, ଦୃଢ଼ ସଂକଳ୍ପ, ଜାତିପାଇଁ ଶେଷ ରକ୍ତବିନ୍ଦୁ ଥିବାଯାଏଁ ସଂଗ୍ରାମ ଆଜି ମଧ ଲୋମହର୍ଷଣକାରୀ । ସ୍ୱାଧୀନତାର ପ୍ରଥମ ଶଙ୍ଖଧ୍ୱନିର ମୂକସାକ୍ଷୀ ରୂପେ ବରୁଣେଇ ଦୁର୍ଗ ହୃତ ଗୌରବର ପରିଚାୟକ । ଅଣ୍ଟି ଛୁରୀ ତଣ୍ଟି କାଟି ନଥିଲେ, ଚରମ ବିଶ୍ୱାସଘାତକତାର ଶିକାର ହୋଇ ନଥିଲେ ବକ୍ସି ଜଗବନ୍ଧୁଙ୍କ ଦୁର୍ବାର ନେତୃତ୍ୱରେ ପରିଚାଳିତ ପାଇକ ବିଦ୍ରୋହ ଭାରତବର୍ଷର ଇତିହାସକୁ

ବଦଳାଇ ନୂତନ ଦିଗନ୍ତ ସୃଷ୍ଟି କରିଥାନ୍ତା । ୧୮୧୭ ପାଇକ ବିଦ୍ରୋହକୁ ଭାରତର ଇତିହାସରେ ଯଥାର୍ଥ ଓ ସମୁଚିତ ସ୍ୱୀକୃତି ମିଳୁ ଓ ଏହା ହିଁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ଲିପିବଦ୍ଧ ହେଉ, ଏ ଦିଗରେ ଉଦ୍ୟମ କରିବାକୁ ଆଇନ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଐତିହାସିକ ଓ ଗବେଷକମାନଙ୍କୁ ଏହି ଆହ୍ୱାନ ଦେଇଥିଲେ ।

ଖୋର୍ଦ୍ଧାର ପୂର୍ବତନ ବିଧାୟକ ତଥା ବରୁଣେଇ ଓ ଖୋର୍ଦ୍ଧାଗଡ଼ ବିକାଶ ପରିଷଦର ସଭାପତି ଡଃ ଦିଲୀପ ଶ୍ରୀଚନ୍ଦନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଜାତୀୟ ଆଲୋଚନାଚକ୍ରରେ ଐତିହାସିକ ଡଃ ପ୍ରଫୁଲ୍ଲ ପଟ୍ଟନାୟକ, ପ୍ରାଧ୍ୟାପକ ନାରାୟଣ ପ୍ରସାଦ ରାଓ, ପ୍ରାଧ୍ୟାପକ ଡଃ ଧ୍ରୁବଚରଣ ଜୟସିଂ ପାଇକରାୟ, ଗଙ୍ଗାଧର ପାଣିଗ୍ରାହୀ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ ।

ଆନ୍ଧ୍ର ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ କ୍ରିଷ୍ଣା କୁମାରୀ, ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ଆଦିତ୍ୟ ମୁଖାର୍ଜୀ, ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ଏସ୍. ଜାହିର, କିଟ୍ କୁଳାଧିପତି ଡଃ ଅଚ୍ୟୁତ ସାମନ୍ତ, ପୂର୍ବତନ ମନ୍ତ୍ରୀ ସୁରେଶ ରାଉତରାୟ, ପ୍ରାଧ୍ୟାପକ ଡଃ ଶଶାଙ୍କ ଚୂଡ଼ାମଣି, ଖୋର୍ଦ୍ଧା ଐତିହାସିକ ସମାଜର ସଭାପତି ମୂରଲୀଧର ପ୍ରଧାନ, ଐତିହାସିକ ବ୍ରଜ ପାଇକରାୟ, ଲକ୍ଷ୍ମୀ ନାରାୟଣ ରାୟସିଂହ, ପ୍ରଫେସର କେ ରାଜନ, ଡଃ ଜନ୍ମେଜୟ ଚୌଧୁରୀ, ଡଃ ଜଗମୋହନ ପଟ୍ଟନାୟକ, ଡଃ ଅମୀୟ ମହାନ୍ତି, କଳିଙ୍ଗ ପାଇକ ସଂଗଠନର ସଂପାଦକ ଶିଶିର ମହାପାତ୍ର ପ୍ରମୁଖ ପାଇକ ବିଦ୍ରୋହ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ହୋଇଥିଲେ ସୁଦ୍ଧା ସିପାହୀ ବିଦ୍ରୋହ ଭାରତ ଇତିହାସରେ ଏହି ମାନ୍ୟତା ପାଇବା କ୍ଷୋଭର ବିଷୟ ବୋଲି ମତବ୍ୟକ୍ତ କରିଥିଲେ ।

(ସୂଚନା ଓ ଲୋକ ସଂପର୍କ ବିଭାଗ)

## ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସମିତି ଓ ନିପି ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ : ଓଡ଼ିଶାରେ ଶିଶୁ ସ୍ୱାସ୍ଥ୍ୟ ବିକାଶ ଲାଗି ୟୁ.ଏନ୍.ଓ.ପି.ଏସ୍. ଆର୍ଥିକ ସହାୟତା ଦେବ

ଓଡ଼ିଶାରେ ଶିଶୁ ସ୍ୱାସ୍ଥ୍ୟର ବିକାଶ ଲାଗି ମିଳିତ ଜାତିସଂଘ ପ୍ରକଳ୍ପ ସେବା କାର୍ଯ୍ୟାଳୟ (ୟୁ.ଏନ୍.ଓ.ପି.ଏସ୍.) ପକ୍ଷରୁ ଏକ ପାଞ୍ଚ ବର୍ଷିଆ କାର୍ଯ୍ୟକ୍ରମ ଆରମ୍ଭ ହେବାକୁ ଯାଉଛି । ଏଥିପାଇଁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସମିତି ଏବଂ ନିପି ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ଭାରତ-ନରୱେ ଭାଗୀଦାରି ସୂତ୍ରପାତ (ନିପି)ର ଅଂଶ ସ୍ୱରୂପ ଏହି କାର୍ଯ୍ୟକ୍ରମ ୨୦୦୭ରୁ ୨୦୧୨ ପର୍ଯ୍ୟନ୍ତ ଚାଲିବ । ଏହା ରାଜ୍ୟରେ ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ମହିଳା ଓ ଶିଶୁ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ବିଶେଷ ସହାୟକ ଓ ସହାୟତା ପ୍ରଦାନ କରିବ ।

ଡିସେମ୍ବର ୧୩ ତାରିଖରେ ସଚିବାଳୟଠାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଶ୍ରୀ ଦୁର୍ଯ୍ୟୋଧନ ମାଝୀ ଓ ଭାରତରେ ଅବସ୍ଥାପିତ ନରୱେର ଭରପ୍ରାପ୍ତ ଆମ୍ବାସାଡ଼ୋର ଶ୍ରୀ ଲାସି ଜନଜୋହାନ ସେନଙ୍କ ଉପସ୍ଥିତିରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ତଥା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସୋସାଇଟି ଭାଇସ୍‌ଚେୟାରମ୍ୟାନ ଶ୍ରୀ ଚିନ୍ମୟ ବସୁ ଏବଂ ୟୁ.ଏନ୍.ଓ.ପି.ଏସ୍. (ନିପି)ର ନିର୍ଦ୍ଦେଶକ ଶ୍ରୀ ପ୍ରସନ୍ନ କୁମାର ହୋତା ଏହି ବୁଝାମଣା ପତ୍ରରେ ସ୍ୱାକ୍ଷର କରିଛନ୍ତି ।

ଶିଶୁ ଓ ମାତୃ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଭାରତ ଏବଂ ନରୱେର ମିଳିତ ସହଯୋଗରେ ଜାତିସଂଘ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଅନ୍ତର୍ଗତ ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ଓଡ଼ିଶାରେ ମଧ୍ୟ କାର୍ଯ୍ୟକାରୀ ହେଉଛି । ଏବେ ଶିଶୁମାନଙ୍କର ସ୍ୱାସ୍ଥ୍ୟରକ୍ଷା ଲାଗି ଏହି ନୂତନ ୫ ବର୍ଷିଆ କାର୍ଯ୍ୟକ୍ରମ ଆରମ୍ଭ କରାଯିବ । ଏହି ଚୁକ୍ତିନାମା ପରେ ଆରମ୍ଭ ହେଉଥିବା ଏହି କାର୍ଯ୍ୟକ୍ରମ ୨୦୧୨ ମାର୍ଚ୍ଚ ୩୧ ତାରିଖ ଶେଷ ହେବ । ୟୁ.ଏନ୍.ଓ.ପି.ଏସ୍. ଏଥିପାଇଁ ଓଡ଼ିଶାକୁ ଆର୍ଥିକ ସହାୟତା ପ୍ରଦାନ କରିବାବେଳେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସୋସାଇଟି ପକ୍ଷରୁ କାର୍ଯ୍ୟକ୍ରମର ଯୋଜନା ଚୂଡ଼ାନ୍ତ କରାଯାଇ ଏହାକୁ କାର୍ଯ୍ୟକାରୀ କରାଯିବ । ଏହି କାର୍ଯ୍ୟକ୍ରମ ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ସଚିବଙ୍କ ଅଧକ୍ଷତାରେ ଏକ ସମନ୍ୱୟ କମିଟି ରହିବ ଯାହାଦ୍ୱାରା କି ରାଜ୍ୟ ଶିଶୁ ସ୍ୱାସ୍ଥ୍ୟ ଯୋଜନା ପ୍ରସ୍ତୁତ କରାଯିବ ।

ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ, ମିଲେନିୟମ ଡେଭେଲପମେଣ୍ଟର ଲକ୍ଷ୍ୟ ଅନୁଯାୟୀ ସମସ୍ତ ଜନସାଧାରଣଙ୍କ ବିଶେଷକରି ସମାଜର ଗରିବ ତଥା ଦୁର୍ବଳଶ୍ରେଣୀର ଲୋକଙ୍କୁ ସୁବିଧାରେ ଫଳପ୍ରଦ ଦାୟିତ୍ୱାଧୀନ ଓ ଭରସାଯୋଗ୍ୟ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାପାଇଁ ଲକ୍ଷ୍ୟ ରଖିଛି । ଭାରତ ଓ ନରୱେ ଏହି ମିଲେନିୟମ୍ ଡେଭେଲପମେଣ୍ଟ ଲକ୍ଷ୍ୟ-୪ (ଏମ୍.ଡି.ଜି.-୪) ହାସଲ ପାଇଁ ସହଯୋଗର ହାତ ବଢ଼ାଇଛନ୍ତି । ଓଡ଼ିଶା ସମେତ ଦେଶର ୫ଟି ରାଜ୍ୟରେ ଶିଶୁ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଉନ୍ନତିକୁ ତ୍ୱରାନ୍ୱିତ କରାଯିବ ।

ଓଡ଼ିଶାରେ ଶିଶୁ ମୃତ୍ୟୁହାର ଉଲ୍ଲେଖନୀୟ ଭାବେ ହ୍ରାସ ପାଇଛି । ଏହାକୁ ଆହୁରି କମ୍ କରିବା ପାଇଁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ନିରନ୍ତର ପ୍ରୟାସ ଜାରି ରହିଥିବାବେଳେ ଗ୍ରହଣ କରାଯାଇଥିବା କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରି ଶିଶୁ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଉନ୍ନତି ଆଣିବା ନିମନ୍ତେ ନରଓ୍ୱେ (ନିପି)ର ସ୍ୱୀକୃତିପ୍ରାପ୍ତ ସ୍ୱାସ୍ଥ୍ୟକର୍ମୀ 'ଆଶା'ମାନଙ୍କ ଦ୍ୱାରା ଗ୍ରାମାଞ୍ଚଳରେ ପ୍ରଦାନ କରାଯାଉଥିବା ସ୍ୱାସ୍ଥ୍ୟ ସେବାକୁ ଅଧିକ ଫଳପ୍ରଦ ଓ ମଜବୁତ୍ କରିବା ପାଇଁ ସେମାନଙ୍କୁ ଆନୁଷଙ୍ଗିକ ସହାୟତା ବ୍ୟବସ୍ଥାର ସୁଦୃଢ଼ୀକରଣ କରାଯିବ । ଏଥିରେ ବ୍ଲକ୍, ଜିଲ୍ଲା ଏବଂ ଆଞ୍ଚଳିକ ଭିତ୍ତିରେ ଶିଶୁସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯିବ ।

ଆନୁଷ୍ଠାନିକ ପ୍ରସବ ଉପରେ ଗୁରୁତ୍ୱ ଦିଆଯିବା ସହିତ ନିଜ ଘରେ ନବଜାତ ଶିଶୁଙ୍କ ଯତ୍ନ ଓ ସ୍ୱାସ୍ଥ୍ୟ ସଂପର୍କରେ ସ୍ୱାସ୍ଥ୍ୟ କର୍ମୀଙ୍କ ତାଲିମ୍ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇ କାର୍ଯ୍ୟ କରାଯିବ । ବ୍ଲକ୍, ଜିଲ୍ଲା ଓ ରାଜ୍ୟ ପରିଚାଳନା ୟୁନିଟ୍‌ଗୁଡ଼ିକୁ ମଧ୍ୟ ସୁଦୃଢ଼ କରାଯିବ ।

(ସୂଚନା ଓ ଲୋକ ସଂପର୍କ ବିଭାଗ)

## ଉତ୍କଳ ସଂଗୀତ ମହାବିଦ୍ୟାଳୟଠାରେ ଲୁପ୍ତପ୍ରାୟ ଲୋକକଳା ମହୋତ୍ସବ ଉଦ୍‌ଘାଟିତ

ରାଜ୍ୟ ସଂଗୀତ ନାଟକ ଏକାଡ଼େମୀ ଓ ଆଞ୍ଚଳିକ ପରିଚାଳନା ମହାବିଦ୍ୟାଳୟ (ରିଜିଓନାଲ କଲେଜ ଅଫ୍ ମ୍ୟାନେଜ୍‌ମେଣ୍ଟ)ର ମିଳିତ ସହଯୋଗରେ ପ୍ରଥମଥର ପାଇଁ ଲୁପ୍ତପ୍ରାୟ ଲୋକ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇ ସଂସ୍କୃତି, ଶକ୍ତି ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟନାରାୟଣ ପାତ୍ର ଏଥିରେ ମୁଖ୍ୟ ଅତିଥି ଭାବେ ଅଂଶଗ୍ରହଣ କରି ଉତ୍ସବକୁ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଲୁପ୍ତପ୍ରାୟ ପାରାମ୍ପରିକ ଲୋକକଳାର ପୁନରୁଦ୍ଧାର ପାଇଁ ରାଜ୍ୟ ସରକାର ସମସ୍ତ ପ୍ରକାର ଉଦ୍ୟମ କରିବେ ଓ ଏଥିପାଇଁ ସବୁପ୍ରକାର ଯୋଜନା ହୋଇ ସାରିଛି ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ । ଏଥିପାଇଁ ପ୍ରାୟ ୫୦ ଗୋଟି ଲୁପ୍ତପ୍ରାୟ ଲୋକଙ୍କୁ କଳାକୁ ଚିହ୍ନଟ କରାଯାଇଛି ଓ ପର୍ଯ୍ୟାୟକ୍ରମେ ସେ ସବୁ ନୃତ୍ୟ ଓ ନାଟ୍ୟକଳା ଉପରେ ଅଧିକ ଗବେଷଣା ଓ ବିଶ୍ଳେଷଣ କରି ପୁନରୁଦ୍ଧାର କାର୍ଯ୍ୟ ହାତକୁ ନିଆଯିବ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଥିଲେ ।

ସଂସ୍କୃତି ବିଭାଗ ସଚିବ ଶ୍ରୀ ଗୋପୀନାଥ ମହାନ୍ତି ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଅଂଶଗ୍ରହଣ କରି ଅନେକ ପାରମ୍ପରିକ ଲୋକ କଳାକୁ ପୁଣି ଥରେ ଲୋକଲୋଚନକୁ ଅଣାଯାଇ ଏହାକୁ ଜନପ୍ରିୟ କରାଯିବ ବୋଲି ପ୍ରକାଶ କରିଥିଲେ । ଆର୍.ସି.ଏମ୍.ର ନିର୍ଦ୍ଦେଶକ ପ୍ରଫେସର ପ୍ରବୀର ପାଲ ଅନ୍ୟତମ ଅତିଥି ଭାବେ ଏଥିରେ ଅଂଶଗ୍ରହଣ କରି ଲୁପ୍ତ ପ୍ରାୟ ଲୋକ କଳାକୁ ବଞ୍ଚାଇ ରଖିବାକୁ ତାଙ୍କ ଅନୁଷ୍ଠାନ ସମସ୍ତ ପ୍ରଚେଷ୍ଟା ଜାରି ରଖିବ ବୋଲି କହିଥିଲେ । ସୂଚନାଯୋଗ୍ୟ ଯେ ପାଞ୍ଚଗୋଟି ଅତି ପ୍ରାଚୀନ ଲୁପ୍ତପ୍ରାୟ ଲୋକ କଳାର ପୁନରୁଦ୍ଧାର ଆର୍.ସି.ଏମ୍. ୫ ଲକ୍ଷ ଟଙ୍କା ଖର୍ଚ୍ଚ କରିବାର ଯୋଜନା ରଖି ନିକଟରେ ରାଜ୍ୟ ସରକାରଙ୍କ ସହ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି ।

ଉତ୍ସବର ପ୍ରଥମ ସନ୍ଧ୍ୟାରେ ବରଗଡ଼ ଜିଲ୍ଲା କୁମ୍ଭାରୀର ବ୍ରଜେଶ୍ୱରୀ ନୃତ୍ୟକଳା ସଂସଦ ଅତି ପୁରାତନ ଶବ୍ଦ ନୃତ୍ୟ ପରିବେଷଣ କରିଥିବା ବେଳେ ଗଂଜାମ ଜିଲ୍ଲାର ଦିଗପହଣ୍ଡି ଅଞ୍ଚଳର ଦଧିବାମନ ଢୁମ୍ପା ବାଦ୍ୟଦଳ ଢୁମ୍ପା ସଙ୍ଗୀତ ପରିବେଷଣ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଦେଇଥିଲେ ।

ସଂଗୀତ ନାଟକ ଏକାଡ଼େମୀର ଉପସଭାପତି ସିକନ୍ଦର ଆଲାମଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉଦ୍‌ଘାଟନ ଉତ୍ସବରେ ଏହାର ସଂପାଦକ ଶ୍ରୀ ମନ୍ମଥ ଶତପଥୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ।

(ସୂଚନା ଓ ଲୋକ ସଂପର୍କ ବିଭାଗ)

## ସହରାଞ୍ଚଳରେ ଜମିବାଡ଼ି ବିକ୍ରିର ଷ୍ଟାମ୍ପ ଶୁଳ୍କ ୫ ପ୍ରତିଶତ ହେବ

କେନ୍ଦ୍ର ସରକାରଙ୍କ ପ୍ରଚଳିତ ନିୟମ ଅନୁଯାୟୀ ସହରାଞ୍ଚଳରେ ଜମିବାଡ଼ି ବିକ୍ରିର ଷ୍ଟାମ୍ପ ଶୁଳ୍କ ୫ ପ୍ରତିଶତ କରିବା ପାଇଁ ଯେଉଁ ରାଜ୍ୟ କେନ୍ଦ୍ର ସରକାରଙ୍କ ସହ ଚୁକ୍ତି କରିବେ ସେହି ରାଜ୍ୟକୁ କେନ୍ଦ୍ର ସରକାର ଜବାହରଲାଲ ନେହରୁ ସହରାଞ୍ଚଳ ନବୀକରଣ ମିଶନ (ଜେ.ଏନ୍.ଏନ୍.ୟୁ.ଆର୍.ଏସ୍.) କ୍ଷୁଦ୍ର ମଧ୍ୟମ ସହରର ସହରାଞ୍ଚଳ ଭିତ୍ତିଭୂମି ଉନ୍ନୟନ (ୟୁ.ଆଇ.ଡି.ଏସ୍.ଏମ୍.ଟି.) ଏବଂ ସମନ୍ୱିତ ଗୃହ ଏବଂ ବସ୍ତି ଉନ୍ନୟନ ପ୍ରକଳ୍ପ (ଆଇ.ଏଚ୍.ଏସ୍.ଡି.ପି.) ଯୋଜନାରେ ଅର୍ଥ ଯୋଗାଇ ଦେବେ । ଏହାକୁ ଦୃଷ୍ଟିରେ ରଖି ଅର୍ଥ ମନ୍ତ୍ରୀ ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ଉପସ୍ଥିତ ଥିଲେ ।

ସହରାଞ୍ଚଳରେ ଷ୍ଟାମ୍ପ ଶୁଳ୍କ କମାଇଲେ ଗ୍ରାମାଞ୍ଚଳରେ ମଧ୍ୟ ଉକ୍ତ ଷ୍ଟାମ୍ପ ଶୁଳ୍କ କମିବା ଉପରେ ମତ ପ୍ରକାଶ ପାଇଥିଲା । କେନ୍ଦ୍ର ସରକାରଙ୍କର ସହରାଞ୍ଚଳ ଉନ୍ନୟନ ନିମନ୍ତେ ବିଭିନ୍ନ ଯୋଜନାରେ ଆସୁଥିବା ଅର୍ଥକୁ ହାତଛଡ଼ା ନକରିବା ପାଇଁ ଅର୍ଥ ମନ୍ତ୍ରୀ ଶ୍ରୀ ଘଡ଼ାଇ ପରାମର୍ଶ ଦେଇଥିଲେ । ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଷ୍ଟାମ୍ପ ୮ ପ୍ରତିଶତ ପରିବର୍ତ୍ତେ ୫ ପ୍ରତିଶତ କରିବା ପାଇଁ ସ୍ଥିର କରାଯାଇଛି । ଏହାଦ୍ୱାରା ସରକାର ବାର୍ଷିକ ୬୦ କୋଟି ଟଙ୍କା ରାଜସ୍ୱ ହରାଇବେ ବୋଲି ଜଣାଯାଇଛି ।

ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ରବିନାରାୟଣ ସେନାପତି ଗୃହ ଓ ନଗର ଉନ୍ନୟନ ଶାସନ ସଚିବ ଶ୍ରୀ ଅରୁଣ କୁମାର ପଣ୍ଡା, ଅର୍ଥ ବିଭାଗର ଅତିରିକ୍ତ ଶାସନ ସଚିବ ଓ ରାଜସ୍ୱ ବିଭାଗର ଯୁଗ୍ମ ଶାସନ ସଚିବ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

(ସୂଚନା ଓ ଲୋକ ସଂପର୍କ ବିଭାଗ)

## ପର୍ଯ୍ୟଟନ ମନ୍ତ୍ରୀଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ ଓ ଭତ୍ତା ବଣ୍ଟନ

ପର୍ଯ୍ୟଟନ ଓ ଅବକାରୀ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଦେବୀପ୍ରସାଦ ମିଶ୍ର ବଡ଼ମ୍ବା ନିର୍ବାଚନ ମଣ୍ଡଳୀର ବିଭିନ୍ନ ଅଞ୍ଚଳରେ ଭିନ୍ନଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇ ଉନ୍ନୟନମୂଳକ ଯୋଜନାର ଭିତ୍ତିପ୍ରସ୍ତର ସ୍ଥାପନ ସହ ବାର୍ଦ୍ଧକ୍ୟ ଭତ୍ତା ଓ ଭିନ୍ନକ୍ଷମଙ୍କୁ ସହାୟତା ପ୍ରଦାନ କରିଛନ୍ତି ।

ବଡ଼ମ୍ବାରେ ଆୟୋଜିତ ଏକ ଉତ୍ସବରେ ଶ୍ରୀ ମିଶ୍ର ଯୋଗ ଦେଇ ୨୯୪ ଜଣ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରିବା ସହ ୭୧ ଭିନ୍ନକ୍ଷମଙ୍କୁ ତିନିଚକିଆ ସାଇକେଲ, ଆଶାବାଡ଼ି ଓ ଶ୍ରବଣ ଯନ୍ତ୍ର ବଣ୍ଟନ କରିଥିଲେ । ଏତଦ୍‌ବ୍ୟତୀତ ୧୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ବଡ଼ମ୍ବା ପଞ୍ଚାୟତ ସମିତି ତାଲିମ୍ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଡମଣଗାଡ଼ିଆସ୍ଥ ସରକାରୀ ଆୟୁର୍ବେଦିକ ଡାକ୍ତରଖାନା ସଂପ୍ରସାରିତ ନୂତନ ଗୃହର ଶିଳାନ୍ୟାସ କରିବା ସହ ରଘୁନାଥ ସାହୁ ଉଚ୍ଚବିଦ୍ୟାଳୟ ନୂତନ ଗୃହର ଶିଳାନ୍ୟାସ କରିଥିଲେ । ବିଦ୍ୟାଳୟ ପରିସରରେ ଆୟୋଜିତ ବ୍ଲକ୍‌ସ୍ତରୀୟ ବିଜ୍ଞାନମେଳାରେ ମନ୍ତ୍ରୀ ଶ୍ରୀ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଉତ୍ସବରେ ବ୍ଲକ୍ ଅଧ୍ୟକ୍ଷା ଡଲି ସାହୁ, ଉପାଧ୍ୟକ୍ଷ ବୃନ୍ଦାବନ ପରିଡ଼ା, ସରକାରୀ ଓକିଲ ଦୁର୍ଗାପ୍ରସାଦ ରଥ, ବିଜେଡ଼ି ସଭାପତି ରବି ସାହୁ, ବିଡ଼ିଓ ରମାବଲ୍ଲଭ ମିଶ୍ର, ଶିକ୍ଷାମଣ୍ଡଳାଧୀଶ ଶରତଚନ୍ଦ୍ର ବିଶ୍ୱାଳ, ଆଠଗଡ଼ ଶିକ୍ଷା ଜିଲ୍ଲା ଅଧିକାରୀ ମେଘନାଥ ସାମଲ ପ୍ରମୁଖ ବହୁ ସରକାରୀ ପଦାଧିକାରୀ ଓ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

(ସୂଚନା ଓ ଲୋକ ସଂପର୍କ ବିଭାଗ)

## ପଚାଶ ହଜାର ଭିନ୍ନକ୍ଷମଙ୍କୁ ମଧୁବାବୁ ପେନ୍‌ସନ୍ ଯୋଜନାରେ ଭତ୍ତା ଦିଆଯିବ : ମୁଖ୍ୟମନ୍ତ୍ରୀ

ରାଜ୍ୟର ପଚାଶ ହଜାର ଭିନ୍ନକ୍ଷମଙ୍କୁ ମଧୁବାବୁ ପେନ୍‌ସନ୍ ଯୋଜନାରେ ଭତ୍ତା ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି । ଗତ ଡିସେମ୍ବର ୪ ତାରିଖରେ ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆଠାରେ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଆୟୋଜିତ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ଅବସରରେ ଆୟୋଜିତ ପ୍ରଦର୍ଶନୀ ଓ ଉତ୍ସବକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ଆସନ୍ତା ଜାନୁଆରୀ ୨୦୦୮ରୁ ଏହି ଭତ୍ତା ଦିଆଯିବ । ସୂଚନାଯୋଗ୍ୟ ଯେ ନିକଟରେ ରାଜ୍ୟ ସରକାର ରାଜ୍ୟ ପେନ୍‌ସନ୍‌କୁ ମଧୁବାବୁ ପେନ୍‌ସନ୍ ଯୋଜନା ନାମରେ ନାମିତ କରିବା ସହିତ ଆଉ ତିନିଲକ୍ଷ ହିତାଧିକାରୀଙ୍କୁ ପେନ୍‌ସନ୍ ଯୋଜନାରେ (ବୃଦ୍ଧ, ବୃଦ୍ଧା, ଭିନ୍ନକ୍ଷମ ଓ ବିଧବା ଭତ୍ତା)ରେ ସାମିଲ କରିବା ପାଇଁ ସ୍ଥିର କରିଥିଲେ ।

ମୁଖ୍ୟମନ୍ତ୍ରୀ କହିଲେ ଯେ ଅନ୍ୟମାନଙ୍କ ପରି ଭିନ୍ନକ୍ଷମମାନେ ସମାଜର ଏକ ଅଂଶ ଅଟନ୍ତି । ସହଯୋଗ ଓ ଉତ୍ସାହ ପାଇଲେ ସେମାନେ ମଧ୍ୟ ବିସ୍ମୟ ସୃଷ୍ଟି କରିପାରିବେ । ତେଣୁ ଭିନ୍ନକ୍ଷମମାନଙ୍କୁ ସମାଜର ମୁଖ୍ୟଧାରାରେ ସାମିଲ କରିବା ପାଇଁ ସରକାର ଗ୍ରହଣ କରିଥିବା ବିଭିନ୍ନ କଲ୍ୟାଣ ଯୋଜନା ସଂପର୍କରେ ସୂଚନା ଦେଇ ଭିନ୍ନକ୍ଷମଙ୍କ ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କର ସହଯୋଗ କାମନା କରିଥିଲେ ।

ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ପ୍ରମିଳା ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କ୍ଷମତା - ୨୦୦୭ କାର୍ଯ୍ୟକ୍ରମରେ ମହିଳା ବିକାଶ ସମବାୟ ନିଗମର ଅଧ୍ୟକ୍ଷା ଶ୍ରୀମତୀ ପଦ୍ମିନୀ ଶେଖର ଦେଓ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ । ବିଭାଗୀୟ ଶାସନ ସଚିବ ଡଃ ମୋନା ଶର୍ମା ସ୍ୱାଗତ ଭାଷଣ ଦେଇଥିଲେ ଏବଂ ସମାଜ କଲ୍ୟାଣ ନିର୍ଦ୍ଦେଶିକା ଶ୍ରୀମତୀ ଉଷା ପାଢ଼ୀ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ ।

ଭିନ୍ନକ୍ଷମ ନୃତ୍ୟଶିଳ୍ପୀ ଶ୍ରୀ ନିତ୍ୟାନନ୍ଦ ଦାସ ପ୍ରାରମ୍ଭରେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏକ ନିଉଜ୍‌ଲେଟର ଉନ୍ମୋଚନ କରିବା ସହିତ ଦୃଷ୍ଟିଶକ୍ତି ହୀନ ପିଲାମାନଙ୍କ ଦ୍ୱାରା ନିବେଦିତ 'ହେ ପରଂବ୍ରହ୍ମ' ଭଜନ କ୍ୟାସେଟ୍ ଉନ୍ମୋଚନ କରିଥିଲେ ।

(ସୂଚନା ଓ ଲୋକ ସଂପର୍କ ବିଭାଗ)

## ରାଜ୍ୟର ଆଠଟି ସହରାଞ୍ଚଳର ସମନ୍ୱିତ ବିକାଶ ପାଇଁ ମାଷ୍ଟରପ୍ଲାନ ପ୍ରସ୍ତୁତ କରାଯିବ

ରାଜ୍ୟରେ ଗଢ଼ି ଉଠୁଥିବା ବିଭିନ୍ନ ସହରାଞ୍ଚଳଗୁଡ଼ିକର ସମନ୍ୱିତ ବିକାଶ ପାଇଁ ମାଷ୍ଟରପ୍ଲାନ ପ୍ରସ୍ତୁତ କରିବା ପାଇଁ ଡିସେମ୍ବର ୩ ତାରିଖରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏହି ସହରାଞ୍ଚଳଗୁଡ଼ିକ ହେଲା - ରାଉରକେଲା, ସମ୍ବଲପୁର, ବ୍ରହ୍ମପୁର, ପୁରୀ-କୋଣାର୍କ, ତାଳଚେର, ଅନୁଗୁଳ, ପାରାଦୀପ, କଳିଙ୍ଗନଗର ଏବଂ ଝାରସୁଗୁଡ଼ା । ଏହି ମାଷ୍ଟରପ୍ଲାନ ପ୍ରସ୍ତୁତି କାର୍ଯ୍ୟ ଆସନ୍ତା ଏକରୁ ଦେଢ଼ବର୍ଷ ମଧ୍ୟରେ ଶେଷ ହେବ । ଏହାଦ୍ୱାରା ନୂତନ ସହରାଞ୍ଚଳମାନଙ୍କର ଯୋଜନାବଦ୍ଧ ବିକାଶ ହେବା ସହିତ ସହର ବାସିନ୍ଦାମାନଙ୍କୁ ଉନ୍ନତ ନାଗରିକ ସେବା ଯୋଗାଇ ଦିଆଯାଇପାରିବ ।

ସହରାଞ୍ଚଳମାନଙ୍କର କ୍ରମବର୍ଦ୍ଧିଷ୍ଣୁ ସମସ୍ୟାର ସମାଧାନ ସହିତ ଭୂତଳ ନର୍ଦ୍ଦମା ଓ ବର୍ଜ୍ୟବସ୍ତୁ ପରିଚାଳନା ଆଦି ନୂଆ ନୂଆ ବୈଷୟିକ ସମସ୍ୟାର ସଫଳ ପରିଚାଳନା ପାଇଁ ଉପଯୁକ୍ତ ପ୍ରଶିକ୍ଷିତ ମାନବ ସମ୍ବଳର ଆବଶ୍ୟକତା ଉପରେ ବୈଠକରେ ଗୁରୁତ୍ୱ ଆରୋପ କରାଯାଇଥିଲା । ସେହିପରି ସହରାଞ୍ଚଳର ଜନସାଧାରଣଙ୍କୁ ଉନ୍ନତ ପରିମଳ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ ଭଳି ଅତ୍ୟାବଶ୍ୟକ ସେବାରେ ଉନ୍ନତି ଆଣିବା ସହିତ ଗୃହ ନିର୍ମାଣ ଓ ବସ୍ତି ଉନ୍ନୟନ ପରି ବିଷୟ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବା ଉପରେ ବୈଠକରେ ଗୁରୁତ୍ୱ ଆରୋପ କରାଯାଇଥିଲା ।

ରାଜ୍ୟର ବିଭିନ୍ନ ସହରାଞ୍ଚଳମାନଙ୍କରେ ନାଗରିକ ସୁବିଧାର ବିକାଶ ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପରୁ ଜଣାଯାଇଛି ଯେ ଜେ.ବି.ଆଇ.ସି. ପାଣ୍ଠିରେ କଟକ ସହରରେ ଭୂତଳ ନର୍ଦ୍ଦମା ବ୍ୟବସ୍ଥା ପାଇଁ ୯୫୦ କୋଟି ଟଙ୍କା ମଂଜୁର କରାଯାଇଥିବା ବେଳେ ଜେ.ଏନ୍.ୟୁ.ଆର୍.ଏମ୍.ରେ ଭୁବନେଶ୍ୱରର ଭୂତଳ ନର୍ଦ୍ଦମା ବ୍ୟବସ୍ଥା ପାଇଁ ୪୯୯ କୋଟି ଟଙ୍କା ଏବଂ ୟୁ.ଆଇ.ଡି.ଏସ୍.ଏସ୍.ଏମ୍.ଟି.ରେ କଟକ, ବ୍ରହ୍ମପୁର ଓ ସମ୍ବଲପୁର ସହରର ପାନୀୟ ଜଳ ଯୋଗାଣ ପାଇଁ ୮୮ କୋଟି ଟଙ୍କା ମଂଜୁର କରାଯାଇଛି । ଭୁବନେଶ୍ୱରରେ ସହରାଞ୍ଚଳର ଗରିବମାନଙ୍କ ଘର ତିଆରି ପାଇଁ ୩ କୋଟି ୬୫ ଲକ୍ଷ ଟଙ୍କାର ବ୍ୟବସ୍ଥା କରାଯାଇଛି । ଏତଦ୍‌ବ୍ୟତୀତ ୩୩ ଅର୍ବାନ ସେଣ୍ଟରରେ ଗରିବ ଲୋକଙ୍କ ପାଇଁ ୧୧ ହଜାର ବାସଗୃହ ଓ ଭୁବନେଶ୍ୱରରେ ରହୁଥିବା ଗରିବ ଲୋକଙ୍କ ପାଇଁ ୧୮୮୮ଟି ବାସଗୃହ ପାଇଁ ରାଜ୍ୟ ସରକାରଙ୍କ ପ୍ରସ୍ତାବ କେନ୍ଦ୍ରର ବିଚାରାଧୀନ ରହିଛି ବୋଲି ଜଣାଯାଇଛି ।

ବିଭିନ୍ନ ସହରାଞ୍ଚଳମାନଙ୍କରେ ଥିବା ସରକାରୀ ଜମିର ସୁରକ୍ଷା ପାଇଁ ତାରବାଡ଼ ଘେରାଇବା ପାଇଁ ବୈଠକରେ ସ୍ଥିର କରାଯାଇଥିଲା । ସହରାଞ୍ଚଳ ରାସ୍ତାର ଦୁଇ ପାର୍ଶ୍ୱରେ ବ୍ୟାପକ ବୃକ୍ଷରୋପଣ କରିବା ସହିତ ସହରାଞ୍ଚଳର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ପାଇଁ ବିଭିନ୍ନ ଶିଳ୍ପ ସଂସ୍ଥାମାନଙ୍କର ସହଯୋଗରେ ପଦକ୍ଷେପ ନେବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ।

ଏହି ଆଲୋଚନାରେ ଅର୍ଥ ମନ୍ତ୍ରୀ ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ମୁଖ୍ୟ ଶାସନ ସଚିବ ଶ୍ରୀ ଅଜିତ କୁମାର ତ୍ରିପାଠୀ, ନଗର ଉନ୍ନୟନ ସଚିବ ଶ୍ରୀ ଅରୁଣ କୁମାର ପଣ୍ଡା, ରାଜସ୍ୱ ସଚିବଙ୍କ ସମେତ ଉଚ୍ଚ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

(ସୂଚନା ଓ ଲୋକ ସଂପର୍କ ବିଭାଗ)

## ଓଡ଼ିଶା ତାପଜ ବିଦ୍ୟୁତ୍ ନିଗମ ରାଜ୍ୟରେ ୨୦୦୦ ମେଗାୱାଟ୍ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରିବ - ଶକ୍ତି ମନ୍ତ୍ରୀ

ରାଜ୍ୟରେ ଆଉ ୨୦୦୦ ମେଗାୱାଟ ତାପଜ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରାଯିବ ବୋଲି ଗତ ଡିସେମ୍ବର ୨୦ ତାରିଖ ପୂର୍ବାହ୍ନରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି ଶକ୍ତି ମନ୍ତ୍ରୀ ଶ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର ପ୍ରକାଶ କରିଛନ୍ତି । ଏଥିପାଇଁ ରାଜ୍ୟ ସରକାର ଶକ୍ତି ବିଭାଗ ଅଧୀନରେ ଓଡ଼ିଶା ତାପଜ ବିଦ୍ୟୁତ୍ ନିଗମ ନାମରେ ଏକ ନୂତନ ନିଗମ ପ୍ରତିଷ୍ଠା କରିଛନ୍ତି । ଶକ୍ତି ବିଭାଗ ସଚିବ ଶ୍ରୀ ଉପେନ୍ଦ୍ର ପ୍ରସାଦ ସିଂହ ଏହି ନୂତନ ତାପଜ ବିଦ୍ୟୁତ୍ ନିଗମର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିବେ । ଓଡ଼ିଶା ଖଣି ନିଗମ ଏବଂ ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ସମାନ ଭାଗିଦାରୀରେ

କାର୍ଯ୍ୟ ଆରମ୍ଭ କରି ସେମାନଙ୍କୁ ଦିଆଯାଇଥିବା କୋଇଲା ବ୍ଲକ୍‌କୁ ଉପଯୋଗ କରି ଏହି ତାପଜ ବିଦ୍ୟୁତ୍ ପ୍ରକଳ୍ପର କାର୍ଯ୍ୟ ଆରମ୍ଭ କରିବେ ବୋଲି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଅଛି । ସୂଚନାଯୋଗ୍ୟ ଯେ, ଭାରତ ସରକାରଙ୍କ ତରଫରୁ ଓଡ଼ିଶା ଜଳବିଦ୍ୟୁତ୍ ନିଗମକୁ ବୈତରଣୀ ପଶ୍ଚିମ କୋଲ୍ ବ୍ଲକ୍ ଦିଆଯାଇଥିବା ବେଳେ ଓଡ଼ିଶା ଖଣି ନିଗମକୁ 'ମନ୍ଦାକିନୀ ବି' କୋଲ୍ ବ୍ଲକ୍ ଦିଆଯାଇଅଛି । ଏହି ବିଦ୍ୟୁତ୍ ଉତ୍ପାଦନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଆଜି ଏକ ୪ ଜଣିଆ ପ୍ରକଳ୍ପ ଦଳ (ପ୍ରୋଜେକ୍ଟ ଟିମ୍) ଗଠନ କରାଯାଇଅଛି । ଓଡ଼ିଶା ଜଳ ବିଦ୍ୟୁତ୍ ନିଗମରେ ସାଧାରଣ ପରିଚାଳକ ଭାବେ କାର୍ଯ୍ୟରତ ଶ୍ରୀ ସୁଧାଂଶୁ ଶେଖର ଦଳପତି ପ୍ରକଳ୍ପ ଦଳର ଟିମ୍ ଲିଡ଼ର ଭାବେ କାର୍ଯ୍ୟ କରିବେ । ନୂତନ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ ପର୍ଯ୍ୟନ୍ତ ଶ୍ରୀ ଦଳପତି ଏହି ଦାୟିତ୍ୱ ସମ୍ଭାଳିବେ । ପ୍ରକଳ୍ପ ଦଳର ଅନ୍ୟ ତିନିଜଣ ସଭ୍ୟଙ୍କ ମଧ୍ୟରେ ଅଛନ୍ତି ଓଡ଼ିଶା ଜଳବିଦ୍ୟୁତ୍ ନିଗମର ଅନ୍ୟତମ ପରିଚାଳକ ଶ୍ରୀ ଜି.ଆର୍. ପଣ୍ଡା, ଓଡ଼ିଶା ଶକ୍ତି ଉତ୍ପାଦନ ନିଗମର ଅବସରପ୍ରାପ୍ତ ଅଧିକାରୀ ଶ୍ରୀ ଜୟଦେବ ମିଶ୍ର ଏବଂ ଶ୍ରୀ ଈଶ୍ୱର ଚନ୍ଦ୍ର ଦାସ । ଏହି ପ୍ରକଳ୍ପ ଦଳ ସ୍ୱତନ୍ତ୍ର ଭାବେ ଏକନିଷ୍ଠ ଭାବେ କାର୍ଯ୍ୟ କରି ଧାର୍ଯ୍ୟ ସମୟ ସୀମା ମଧ୍ୟରେ ପ୍ରକଳ୍ପ ଆରମ୍ଭରେ ଆନୁଷଙ୍ଗିକ କାର୍ଯ୍ୟ ଶେଷ କରିବାପାଇଁ ମନ୍ତ୍ରୀ ଶ୍ରୀ ପାତ୍ର ନିର୍ଦ୍ଦେଶ ଦେଇଛନ୍ତି । ଏହି ଦଳ ମୁଖ୍ୟତଃ କୋଲ୍ ବ୍ଲକ୍ ସନ୍ନିକଟ ଏକ ଅଞ୍ଚଳକୁ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଚିହ୍ନଟ କରିବେ । ପ୍ରକଳ୍ପ ପାଇଁ ଆବଶ୍ୟକ ପଡୁଥିବା ଜମିର ଅଧିଗ୍ରହଣ କାର୍ଯ୍ୟ ଆରମ୍ଭ କରିବା, ଏଥିପାଇଁ ଆବଶ୍ୟକ ପଡୁଥିବା ପରିବେଶ ଜନିତ ଅନୁମୋଦନ ପାଇଁ ଆବେଦନ କରିବା, ଏକ ପରାମର୍ଶଦାତା ନିଯୁକ୍ତି କରି ପ୍ରକଳ୍ପ ପାଇଁ ସବିଶେଷ ପ୍ରକଳ୍ପ ବିବରଣୀ ପ୍ରସ୍ତୁତ କରିବା, କାର୍ଯ୍ୟ କରିବା ପାଇଁ ପରାମର୍ଶ ଦିଆଯାଇଅଛି । ପ୍ରଥମ ପର୍ଯ୍ୟାୟରେ ଦୁଇଟି ୟୁନିଟ୍ ସ୍ଥାପନ କରାଯାଇ ୧୦୦୦ ମେଗାୱାଟ ତାପଜ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଅଛି । ଆଉ ୧୦୦୦ ମେଗାୱାଟ ବିଦ୍ୟୁତ୍ ଶକ୍ତିର ଉତ୍ପାଦନ କାର୍ଯ୍ୟ ଦ୍ୱିତୀୟ ଦଫାରେ ଆରମ୍ଭ କରାଯିବ । ଏ ସମସ୍ତ କାର୍ଯ୍ୟ ଏକାଦଶ ପଞ୍ଚବାର୍ଷିକ ଯୋଜନା କାଳ ମଧ୍ୟରେ ସମାପ୍ତ କରାଯିବ ବୋଲି ଯୋଜନା ରଖାଯାଇଅଛି । ସମୁଦାୟ ୨୦୦୦ ମେଗାୱାଟ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ପାଇଁ ରାଜ୍ୟ ସରକାର ଆନୁମାନିକ ୪୦୦୦ କୋଟି ଟଙ୍କା ବ୍ୟୟ କରିବାର ଅଟକଳ କରିଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ପ୍ରକାଶ କରିଛନ୍ତି ।

ଏହି ବୈଠକରେ ଶକ୍ତି ବିଭାଗ ସଚିବ ଶ୍ରୀ ଉପେନ୍ଦ୍ର ପ୍ରସାଦ ସିଂହ, ଓଡ଼ିଶା ଖଣି ନିଗମର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସନ୍ତୋଷ କୁମାର ଷଡ଼ଙ୍ଗୀ, ଶକ୍ତି ବିଭାଗର ଅତିରିକ୍ତ ଶାସନ ସଚିବ ଶ୍ରୀକାନ୍ତ ପାଇକରାୟ, ଜଳ ବିଦ୍ୟୁତ୍ ପ୍ରକଳ୍ପର ନିର୍ଦ୍ଦେଶକ ଶ୍ରୀ ଜଗନ୍ନାଥ ପାଢ଼ୀ ଓ ଅନ୍ୟାନ୍ୟ ଉଚ୍ଚପଦସ୍ଥ ଅଧିକାରୀମାନେ ଉପସ୍ଥିତ ଥିଲେ ।

(ସୂଚନା ଓ ଲୋକ ସଂପର୍କ ବିଭାଗ)

## କନ୍ଧମାଳ ଜିଲ୍ଲାର ପରିସ୍ଥିତି ସଂପର୍କରେ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା

ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଗତ ଡିସେମ୍ବର ୨୬ ତାରିଖ ସକାଳେ ସଚିବାଳୟଠାରେ ଏକ ଉଚ୍ଚସ୍ତରୀୟ ବୈଠକରେ କନ୍ଧମାଳ ଜିଲ୍ଲାର ପରିସ୍ଥିତି ସଂପର୍କରେ ସମୀକ୍ଷା କରିଥିଲେ । ଜିଲ୍ଲାରେ ସ୍ୱାଭାବିକ ପରିସ୍ଥିତି ଫେରାଇ ଆଣିବା ସହିତ ଦୁଇ ସଂପ୍ରଦାୟ ମଧ୍ୟରେ ସଦ୍‌ଭାବ ବଜାୟ ରଖିବା ଦିଗରେ ପଦକ୍ଷେପ ଗ୍ରହଣ କରାଯିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଥିଲେ ।

ବୌଦ୍ଧ ଓ ଫୁଲବାଣୀ ଜିଲ୍ଲାର ଜିଲ୍ଲାପାଳ ଭାବରେ ପୂର୍ବରୁ କାର୍ଯ୍ୟ କରିଥିବା ବରିଷ୍ଠ ପ୍ରଶାସକ ଶ୍ରୀ ଅରବିନ୍ଦ ବେହେରାଙ୍କୁ କନ୍ଧମାଳ ପଠାଇବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ସୂଚନାଯୋଗ୍ୟ ଯେ ଇଡ଼୍‌କୋର ଅଧ୍ୟକ୍ଷ ଶ୍ରୀ ଅଶୋକ କୁମାର ମୀନା ଯେ କି ପୂର୍ବରୁ ବୌଦ୍ଧ ଓ ଫୁଲବାଣୀ ଜିଲ୍ଲାର ଜିଲ୍ଲାପାଳ ଥିଲେ ତାଙ୍କୁ ମଧ୍ୟ କନ୍ଧମାଳ ପଠାଯାଇଛି ।

ପରିସ୍ଥିତି ସଂପର୍କରେ ବୈଠକରେ ସୂଚନା ଦେଇ ପୋଲିସ୍ ମହାନିର୍ଦ୍ଦେଶକ ଶ୍ରୀ ଗୋପାଳ ନନ୍ଦ କହିଥିଲେ ଯେ କନ୍ଧମାଳ ପରିସ୍ଥିତିର ଉନ୍ନତି ଆସିଛି ଏବଂ ବର୍ତ୍ତମାନ ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି । କନ୍ଧମାଳ ଜିଲ୍ଲାରେ ବର୍ତ୍ତମାନ ୨୭ ପ୍ଲାଟୁନ୍ ପୋଲିସ୍ ଫୋର୍ସ ମୁତୟନ କରାଯାଇଛି ଏବଂ ରାଉରକେଲା, ସମ୍ବଲପୁର ଓ ରାୟଗଡ଼ାରୁ ତିନି କମ୍ପାନୀ କେନ୍ଦ୍ରୀୟ ରିଜର୍ଭ ପୋଲିସ୍ ଫୋର୍ସ ମଧ୍ୟ କନ୍ଧମାଳକୁ ପଠାଯାଉଛି ବୋଲି ଶ୍ରୀ ନନ୍ଦ ସୂଚନା ଦେଇଥିଲେ । କନ୍ଧମାଳ ଜିଲ୍ଲା ପୋଲିସ୍ ପ୍ରଶାସନକୁ ସହଯୋଗ କରିବା ପାଇଁ ବୌଦ୍ଧ ଓ ଗଜପତିର ଏସ୍.ପି.ଙ୍କୁ କନ୍ଧମାଳ ପଠାଯିବା ସହିତ ପଡ଼ୋଶୀ ଜିଲ୍ଲାର କୋଡ଼ିଏ ଜଣ ଅଫିସରଙ୍କୁ ମଧ୍ୟ ମୁତୟନ କରାଯାଇଛି ବୋଲି ଶ୍ରୀ ନନ୍ଦ ସୂଚନା ଦେଇଥିଲେ ।

ଏହି ବୈଠକରେ ମୁଖ୍ୟ ଶାସନ ସଚିବ ଶ୍ରୀ ଅଜିତ୍ କୁମାର ତ୍ରିପାଠୀ, ପୋଲିସ୍ ମହାନିର୍ଦ୍ଦେଶକ ଶ୍ରୀ ଗୋପାଳ ନନ୍ଦ, ସ୍ୱରାଷ୍ଟ୍ର ବିଭାଗର ପ୍ରମୁଖ ସଚିବ ଶ୍ରୀ ତରୁଣକାନ୍ତ ମିଶ୍ର, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶ୍ରୀ ବିଜୟ କୁମାର ପଟ୍ଟନାୟକ ଓ ଗୁଇନ୍ଦା ନିର୍ଦ୍ଦେଶକ ଶ୍ରୀ ମନମୋହନ ପ୍ରହରାଜ ପ୍ରମୁଖ ଉପସ୍ଥିତ ଥିଲେ ।

# ସାଧାରଣତନ୍ତ୍ର ଦିବସ-୨୦୦୮ରେ ଆଦିବାସୀ ମେଳା-ଆଦିବାସୀ ପଡ଼ିଆରେ ବିଭିନ୍ନ ବିଭାଗର ଷ୍ଟଲ ଖୋଲାଯିବ

ପ୍ରତିବର୍ଷ ପରି ସାଧାରଣତନ୍ତ୍ର ଦିବସ ଅବସରରେ ରାଜ୍ୟର ଆଦିବାସୀମାନଙ୍କ ମଧ୍ୟରେ ଜାଗରଣ ସୃଷ୍ଟି କରିବା, ସେମାନଙ୍କର ଅନ୍ତର୍ନିହିତ କଳା, ସଂସ୍କୃତି, ଭାସ୍କର୍ଯ୍ୟ, ସ୍ଥାପତ୍ୟର ବିକାଶ କରିବା, ଦୈନନ୍ଦିନ ଜୀବିକା ନିର୍ବାହଶୈଳୀ ଓ ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥ ପ୍ରଦର୍ଶନ ଓ ଉତ୍ପାଦିତ ସାମଗ୍ରୀ ବିକ୍ରୟ କରିବାପାଇଁ ଏକ ଆଦିବାସୀ ପ୍ରଦର୍ଶନୀ ମେଳା ରାଜଧାନୀର ଏକ ନମ୍ବରସ୍ଥିତ ଆଦିବାସୀ ପଡ଼ିଆରେ ତା.୨୬.୦୧.୨୦୦୮ରିଖରୁ ତା.୦୧.୦୨.୨୦୦୮ରିଖ ପର୍ଯ୍ୟନ୍ତ ୭ (ସାତ) ଦିନ ବ୍ୟାପି ଅନୁଷ୍ଠିତ ହେବ । ଉକ୍ତ ମେଳାରେ ଯେଉଁ ବିଭାଗ ଓ ଅନୁଷ୍ଠାନମାନେ ଷ୍ଟଲ ଖୋଲିବା ପାଇଁ ଆଗ୍ରହୀ ସେମାନେ ତା.୦୩.୦୧.୨୦୦୮ରିଖ ନିର୍ଦ୍ଦେଶକ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ, ଭୁବନେଶ୍ୱରକୁ ଆବେଦନ କରିବେ ଓ ତା.୧୦.୦୧.୨୦୦୮ରିଖ ସୁଦ୍ଧା ଷ୍ଟଲଗୁଡ଼ିକ ଆବଣ୍ଟନ କରାଯିବ । ଆବଣ୍ଟିତ ଷ୍ଟଲ ଅଧିକାରୀମାନେ ତା.୧୫.୦୧.୨୦୦୮ରିଖ ସୁଦ୍ଧା ନିର୍ଦ୍ଧାରିତ ଭଡ଼ା ପିଛା ୪୦୦୦ ଟଙ୍କା ବ୍ୟାଙ୍କ ଡ୍ରାଫ୍ଟ ଜରିଆରେ ନିର୍ଦ୍ଦେଶକ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗଙ୍କ ପାଖରେ ଜମାଦେବେ ଓ ତା.୨୪.୦୧.୨୦୦୮ରିଖ ସୁଦ୍ଧା ସେମାନଙ୍କର ଷ୍ଟଲ ନିର୍ମାଣ ସଂପୂର୍ଣ୍ଣ କରିବେ ।

ଉକ୍ତ ମେଳାରେ ପ୍ରତ୍ୟହ ଅପରାହ୍ନ ୬.୦୦ ଘଟିକାରୁ ରାତ୍ରି ୯.୦୦ ଘଟିକା ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ । ଉଦ୍‌ଘାଟନ ଉତ୍ସବରେ କୃତି କଳାକାର ଓ ଉଦ୍‌ଯାପନ ଉତ୍ସବରେ କୃତି ଛାତ୍ରଛାତ୍ରୀ ଓ ଯୋଗ୍ୟ ବିବେଚିତ ଶିକ୍ଷାନୁଷ୍ଠାନମାନଙ୍କୁ ପୁରସ୍କୃତ କରାଯିବ ।

ଜନସାଧାରଣ ବହୁ ସଂଖ୍ୟାରେ ଯୋଗଦାନ ପୂର୍ବକ ପ୍ରୋତ୍ସାହିତ କରିବାପାଇଁ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ନିର୍ଦ୍ଦେଶକ, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟ ପକ୍ଷରୁ ଅନୁରୋଧ କରାଯାଉଛି ।

# ଓର୍‌ମାସ ଆୟୋଜିତ ଜାତୀୟ ସ୍ତରୀୟ ଶିଶିର ସରସ ମେଳା-୨୦୦୮ର ପ୍ରସ୍ତୁତି ବୈଠକ

ଆସନ୍ତା ୨୦୦୮ ଜାନୁଆରୀ ତା.୧୦ରୁ ୨୦ରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ ଏକ ଜାତୀୟ ସ୍ତରୀୟ ସରସ ମେଳା ରାଜ୍ୟ ସରକାରଙ୍କ ଅଧୀନସ୍ଥ ଓରମାସ୍ ଦ୍ୱାରା ଆୟୋଜନ କରାଯାଉଅଛି । ଏହାକୁ ସୁପରିଚାଳନା ଓ ସରସ ସୁନ୍ଦର କରିବା ପାଇଁ ମାନ୍ୟବର ମନ୍ତ୍ରୀ ପଞ୍ଚାୟତିରାଜ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ଶ୍ରୀ ରଘୁନାଥ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଗତ ଡିସେମ୍ବର ୨୨ ତାରିଖ ଦିନ ଏକ ଉଚ୍ଚସ୍ତରୀୟ ପ୍ରାକ୍ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଏଥିରେ ରାଜ୍ୟ ସରକାରଙ୍କର ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇ ଏହି ମେଳାକୁ ଅନ୍ୟ ରାଜ୍ୟରେ ହେଉଥିବା ମେଳା ତୁଳନାରେ କିପରି ଅନନ୍ୟ ଭାବରେ ଆୟୋଜନ କରାଯିବ ତାହାର ବ୍ୟାପକ ଆଲୋଚନା କରାଯାଇଥିଲା ।

ବିଗତ ବର୍ଷମାନଙ୍କରେ ଆୟୋଜନ କରାଯାଇଥିବା ବିଭିନ୍ନ ଜାତୀୟ ସ୍ତରୀୟ ମେଳାର ଆୟୋଜନରେ ପାରଦର୍ଶିତା ଓ ଉତ୍କର୍ଷତା ପାଇଁ ଓଡ଼ିଶା ଜାତୀୟ ସ୍ତରରେ ତା'ର ସୁନାମ ବଜାୟ ରଖିପାରିଛି । ଯାହାଦ୍ୱାରା ଭାରତ ସରକାରଙ୍କର ଗ୍ରାମଉନ୍ନୟନ ମନ୍ତ୍ରଣାଳୟ ଏ ବର୍ଷ ମଧ୍ୟ ଏହି ସରସ ମେଳା ଆୟୋଜନ କରିବା ପାଇଁ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି । ଏହି ମେଳାରେ ଆପାତତଃ ୩୦୦ଟି ସୁଦୃଶ୍ୟ ଷ୍ଟଲମାନ ନିର୍ମାଣ କରାଯାଇ ଭାରତର ବିଭିନ୍ନ ପ୍ରାନ୍ତରୁ ଆସିବାକୁ ଥିବା ଗ୍ରାମ୍ୟ କାରୀଗରମାନଙ୍କ ଦ୍ରବ୍ୟ ବିକ୍ରି କରିବାର ବ୍ୟବସ୍ଥା କରାଯାଇଅଛି । ଏଥିରେ ରାଜ୍ୟ ତଥା ରାଜ୍ୟ ବାହାରୁ ଅନ୍ୟୁନ ୬୦୦ ସ୍ୱରୋଜଗାରୀମାନେ ଯୋଗଦାନ କରିବେ । ସେମାନଙ୍କର ସୁରକ୍ଷା, ରହିବା, ଗମନାଗମନର ଉପଯୁକ୍ତ ବ୍ୟବସ୍ଥା କରାଯିବା ପାଇଁ ସୁବନ୍ଦୋବସ୍ତ କରାଯାଉଛି । ସ୍ୱରୋଜଗାରୀମାନଙ୍କର ଦ୍ରବ୍ୟ ପ୍ରସ୍ତୁତି ପ୍ରଣାଳୀ ଓ ସାଂସ୍କୃତିକ ତଥା ସାମାଜିକ ଚଳଣିର ଭାବ ଆଦାନପ୍ରଦାନ ପାଇଁ କର୍ମଶାଳାର ମଧ୍ୟ ଆୟୋଜନ କରାଯିବା ପାଇଁ ବ୍ୟବସ୍ଥା କରାଯାଇଅଛି ।

ଏହି ମେଳାକୁ ସବୁବର୍ଗର ପରିଦର୍ଶକମାନଙ୍କୁ ଆକୃଷ୍ଟ କରିବାପାଇଁ ପ୍ରତ୍ୟେକ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା ହେବା ସହ ଏହାର ବ୍ୟାପକ ପ୍ରଚାର ଓ ପ୍ରସାରର ମଧ୍ୟ ବ୍ୟବସ୍ଥା କରାଯାଇଅଛି ।

ମାନ୍ୟବର ମନ୍ତ୍ରୀ ଏହି ଜାତୀୟ ସ୍ତରୀୟ ମେଳାକୁ ସମସ୍ତ ଦିଗରୁ ସୁପରିଚାଳନା ତଥା ସରସ ସୁନ୍ଦର କରିବା ପାଇଁ ସମସ୍ତ ବିଭାଗର ସହଯୋଗ କାମନା କରିଥିଲେ ଏବଂ ସ୍ୱରୋଜଗାରୀ ସେମାନଙ୍କର ଦ୍ରବ୍ୟକୁ ଅଧିକରୁ ଅଧିକ ବିକ୍ରି କରି ଆର୍ଥିକ ଉପକାର ପାଇପାରିବେ ବୋଲି ଆଶା ପ୍ରକାଶ କରିଥିଲେ ।